بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 18-19

ସାପ୍ତାହିକ

# ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

06-13 ମଇ 2021 | 06-13 ହିଜରତ୍ 1400 ହି.ଶ | 23-30 ରମ୍‌ଜାନ୍ 1442 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡۤا اِذَا قُمۡتُمۡ اِلَی الصَّلٰوۃِ فَاغۡسِلُوۡا وُجُوۡہَکُمۡ وَاَیۡدِیَکُمۡ اِلَی الۡمَرَافِقِ وَامۡسَحُوۡا بِرُءُوۡسِکُمۡ وَاَرۡجُلَکُمۡ اِلَی الۡکَعۡبَیۡنِ (المائدہ:7)

ଅନୁବାଦ- ହେ ବିଶ୍ୱାସକାରୀ ! ଯେତେବେଳେ ତୁମେମାନେ ନମାଜ ପାଠ କରିବା ପାଇଁ ପ୍ରସ୍ତୁତ ହୁଅ ସେତେବେଳେ ନିଜର ମୁଖମଣ୍ଡଳ ଓ କହୁଣୀ ପର୍ଯ୍ୟନ୍ତ ନିଜ ହାତକୁ ଧୋଇ ଦିଅ; ଏବଂ ନିଜର ମୁଣ୍ଡକୁ ଓଦା ହାତରେ ପୋଛି ଦିଅ ଏବଂ ବଳାଗଣ୍ଠି ପର୍ଯ୍ୟନ୍ତ ନିଜର ପାଦ ଦ୍ୱୟକୁ ଧୋଇ ଦିଅ

*(ଅଲ୍‌ମାଇଦା: ୭)*

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଏହି ପ୍ରକାରର ଭୟଙ୍କର ବିଶ୍ୱାସ ଓ ଭୂଲ ଚିନ୍ତାଧାରା ସେହି ଲୋକମାନଙ୍କ ହୃଦୟରେ ଭରି ରହିଛି, ସେ ସବୁକୁ ଦୂର କରିବାପାଇଁ ଓ ତା ସ୍ଥାନରେ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ପ୍ରତିଷ୍ଠା କରିବାପାଇଁ ଆମ ସମ୍ପ୍ରଦାୟ ସୃଷ୍ଟି ହୋଇଛି ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ଏ ଦୁନିଆ, ଏହାର ସମ୍ପର୍କ ଏବଂ ଏହାର ପ୍ରଭାବରୁ ମୁଁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ । ସାଂସାରିକ ଦୃଷ୍ଟିକୋଣରୁ ସତେ ଯେପରି ମୁଁ ମରିଯାଇଛି । ଆମେ କେବଳ ଧର୍ମ ପାଇଁ ସମର୍ପିତ ଏବଂ ଆମର ସମସ୍ତ କାର୍ଯ୍ୟ ଧର୍ମ ଉପରେ ପର୍ଯ୍ୟବେଶିତ । ଯେମିତି ଇସ୍‌ଲାମ୍‌ରେ ସର୍ବଦା ସାଧୁ ଓ ପବିତ୍ର ପୁରୁଷମାନେ ଆସିଥାନ୍ତି । ଆମର କୌଣସି ନୂତନ କାର୍ଯ୍ୟ ନାହିଁ । ଆମର କାର୍ଯ୍ୟ ହେଉଛି ଲୋକମାନଙ୍କର ସେହି କୁବିଶ୍ୱାସକୁ ଦୂର କରିବା ଯାହା ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ ଏବଂ ଲୋକମାନଙ୍କ ହୃଦୟକୁ ଶୁଦ୍ଧ କରିବା ହେଉଛି ଆମର ପ୍ରକୃତ ଉଦ୍ଦେଶ୍ୟ । ଉଦାହରଣ ସ୍ୱରୁପ କିଛି ମୂର୍ଖ ଲୋକ ଏ ବିଶ୍ୱାସ ରଖିଛନ୍ତି ଯେ ଅନ୍ୟ ଜାତି/ସମ୍ପ୍ରଦାୟର ଲୋକମାନଙ୍କର ସମ୍ପତି ଚୋରି କରିନେବା ଅନୁମୋଦିତ ଏବଂ କାଫିର୍ (ଅବିଶ୍ୱାସୀ)ମାନଙ୍କ ଧନସମ୍ପତି ଆମ ପାଇଁ ବୈଧ୍ୟ ଅଟେ । ପୁଣି ନିଜର ଏପରି ଇଚ୍ଛାକୁ ଚରିତାର୍ଥ କରିବାପାଇଁ ତା' ମୁତାବକ ହଦିସମାନ ଗଠନ କରି ରଖିଛନ୍ତି । ପୁଣି ସେମାନେ ଏ ବିଶ୍ୱାସ ରଖିଛନ୍ତି ଯେ ହଜ୍‌ରତ୍ ଇସା, ଯିଏ ଏ ଦୁନିଆରେ ପୂନର୍ବାର ଆସିବାକୁ ଅଛନ୍ତି, ତାଙ୍କର କାର୍ଯ୍ୟ ହେଉଛି ହିଂସା ଓ ରକ୍ତପାତ କରିବା । ଯେବେକି କୌଣସି ଧର୍ମ ବଳପୂର୍ବକ ଧର୍ମ ହୋଇପାରେନା । ଅତଏବ ଏହି ପ୍ରକାରର ଭୟଙ୍କର ବିଶ୍ୱାସ ଓ ଭୂଲ ଚିନ୍ତାଧାରା ସେହି ଲୋକମାନଙ୍କ ହୃଦୟରେ ଭରି ରହିଛି, ସେ ସବୁକୁ ଦୂର କରିବାପାଇଁ ଓ ତା ସ୍ଥାନରେ ଶାନ୍ତିପୂର୍ଣ୍ଣ ଶିକ୍ଷାକୁ ପ୍ରତିଷ୍ଠା କରିବାପାଇଁ ଆମ ସମ୍ପ୍ରଦାୟ ସୃଷ୍ଟି ହୋଇଛି । ଯେମିତି ସବୁବେଳେ ଏହା ହୋଇ ଆସୁଅଛି ଯେ ସଂସ୍କାରକ, ସାଧୁସନ୍ଥ ଏବଂ ଭଲ କଥା ଶିକ୍ଷା ଦେଉଥିବା ଲୋକମାନଙ୍କର ସାଂସାରୀକ ଲୋକମାନେ ବିରୋଧ କରିଥାନ୍ତି । ସେହିପରି ମୋ ସହିତ ମଧ୍ୟ କରାଯାଉଅଛି । ମୋ ବିରୋଧିମାନେ ମନଗଢ଼ା, ମିଥ୍ୟାପୂର୍ଣ୍ଣ ଓ ଭୂଲ୍ ଖବରଗୁଡ଼ିକୁ ଆମ ବିରୋଧରେ ପ୍ରଘଟ କରିଛନ୍ତି । ଏପରି କି ଆମକୁ ଦୁଃଖ ଦେବାପାଇଁ ସରକାରଙ୍କ ନିକଟରେ ଭୂଲ୍ ତଥ୍ୟ ପେଶ୍ କରିଛନ୍ତି ଯେ ଇଏ ହେଉଛି ଷଡ଼ଯନ୍ତ୍ରକାରୀ ଓ ବିଦ୍ରୋହର ଉଦ୍ଦେଶ୍ୟ ରଖିଛି । ଏହିପରି କାର୍ଯ୍ୟ କରିବା ଲୋକମାନଙ୍କ ନିମନ୍ତେ ଜରୁରୀ ଥିଲା କାରଣ ପ୍ରତ୍ୟେକ ଯୁଗରେ ମୂର୍ଖ/ଅଜ୍ଞ ଲୋକମାନେ ନିଜ ଶୁଭେଚ୍ଛୁମାନଙ୍କ ସହିତ ଅର୍ଥାତ ଅମ୍ବିୟା (ଭବିଷ୍ୟତବକ୍ତା) ଓ ସେମାନଙ୍କ ଉତରାଧିକାରୀମାନଙ୍କ ପ୍ରତି ଏପରି ଆଚରଣ କରି ଆସୁଛନ୍ତି । କିନ୍ତୁ ଖୁଦାତାଲା ମଣିଷକୁ ବୁଦ୍ଧି ଦେଇଛନ୍ତି ଓ ସରକାରୀ କର୍ମଚାରୀମାନେ ଏହିପରି ଲୋକମାନଙ୍କୁ ଖୁବ୍ ଜାଣିଛନ୍ତି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୨୮୩ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

**ଏକଥା ନବୀଙ୍କ ବୈଭବଠାରୁ ବହୁତ ଦୂରରେ ଯେ ସେ କୌଣସି ଏକ କଥା ପାଇଁ ଏତେ ମାତ୍ରାରେ ଦୁଃଖ କରିବେ ଯେ ସେଥିଯୋଗୁଁ ସେ ମୃତ ପ୍ରାୟ ହୋଇଯିବେ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ସୁରଃ ୟୁସୁଫ୍ ଆୟତ ନଂ-୮୫ **ୟା ଅସଫା ଅଲା ୟୁସୁଫା ଓ୍ୱବ୍‌ୟଜ୍ଜତ୍ ଅଇନାହୁ ମିନଲ୍ ହୁଜ୍‌ନି ଫହୁଓ୍ୱ କଜିମ୍** ର ବ୍ୟାଖ୍ୟା କରି କହିଛନ୍ତି:

ଇବ୍‌ୟଜ୍ଜତ୍ ଅଇନାହୁ ମିନଲ୍ ହୁଜ୍‌ନି । ଦୁଃଖରେ ସେମାନଙ୍କର ଆଖି ଧଳା ହୋଇଗଲା, ଏ ବିଷୟରେ ବଡ଼ ମତଭେଦ ସୃଷ୍ଟି ହୋଇଛି । ସମୀକ୍ଷକମାନେ କହିଛନ୍ତି ଯେ ତାଙ୍କର ଆଖି ଅନ୍ଧ ହୋଇଯାଇଥିଲା ଓ ତା'ପରେ ଧଳାରଙ୍ଗ ଛାଇ ଯାଇଥିଲା । ଏ ବିଷୟରେ ମତଭେଦ ରହିଛି ଯେ ଧଳାରଙ୍ଗ କାହିଁକି ଆଚ୍ଛାଦିତ ହୋଇଗଲା ? କେତେକ କହିଲେ କାନ୍ଦି କାନ୍ଦି ଏପରି ହୋଇଯାଇଛି ଓ ଏହି କାନ୍ଦିବାର ଅବଧି କିଛି ଲୋକେ ୪୦ ବର୍ଷ ବର୍ଣ୍ଣନା କରିଛନ୍ତି ତ ଆଉ କିଛି ଲୋକେ ୮୧ ବର୍ଷ ବର୍ଣ୍ଣନା କରିଛନ୍ତି । କେତେକ ଏହା କହିଛନ୍ତି ଯେ ଦ୍ୱିତୀୟ ପୁତ୍ରର ଖବର ଶୁଣି ଦୁଃଖରେ ତାଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଗଲା ଯେ ଏବେ ତ ଦ୍ୱିତୀୟ ପୁତ୍ର ମଧ୍ୟ ଅଲଗା ହୋଇଗଲା ।

**ଇବ୍‌ୟଜ୍ଜ** ର ଗୋଟିଏ ଅର୍ଥ ମଧ୍ୟ ଏପରି ନାହିଁ, ଯେଉଁଥିରୁ ଅନ୍ଧ ହେବାର ଅର୍ଥ ବାହାରୁଥିବ । କେବଳ ଗୋଟିଏ ଅର୍ଥକୁ ଭିଡ଼ି ଟାଣିକି ଏହି ଭାବାର୍ଥ ବାହାର କରାଯାଇଅଛି ।

ଆମେ କହୁଛୁ ଯେ ଯେବେ **ଇବ୍‌ୟଜ୍ଜ** ର ଅର୍ଥ ଭାଷାକୋଶରେ ଅନ୍ଧ ହେବାର ମିଳୁନାହିଁ ତେବେ କାହିଁକି **ଇବ୍‌ୟଜ୍ଜତ୍** ର ଅର୍ଥ ପାଣିରେ ଭରିଯିବା ନ କରାଯିବ । ପାଣି ଏବଂ କ୍ଷୀର ପାଇଁ ଆରବୀ ଭାଷାରେ **ଅବ୍‌ୟଜାନ୍** ଶବ୍ଦ ବ୍ୟବହୃତ ହୋଇଥାଏ ଓ ତାହାର ଅର୍ଥ ହେଉଛି ଆଖି ଲୁହରେ ଭରିଯିବା । ଦ୍ୱିତୀୟ ଅର୍ଥଗୁଡ଼ିକୁ ବିଚାର କଲେ ଆମେ ଏହା କହିପାରିବା ଯେ ତାଙ୍କ ଆଖିରୁ ଲୁହ ଝରିପଡ଼ିଲା ଅର୍ଥାତ ବହୁଳ ଭାବରେ ଲୁହ ପ୍ରବାହିତ ହେଉଥିଲା ।

ପୁଣି ଆମେ କହୁଛୁ ଯେ ଯଦି ଇବ୍‌ୟଜ୍ଜତ ରୁ ଆମେ ସାଙ୍କେତିକ ଅର୍ଥକୁ ନେବା ତା'ହେଲେ ଆମେ କାହିଁକି ଏପରି ସାଙ୍କେତିକ ନ ନେବା ଯାହା ସର୍ବୋତ୍କୃଷ୍ଟ ହେଉଥିବ । ଅର୍ଥାତ ଦୁଃଖରେ ତାଙ୍କର ଆଖି ଝଲସିଗଲା । ଏହା ଏକ ପ୍ରାକୃତିକ ଅବସ୍ଥା ଯେ ଦୁଃଖ ସମୟରେ ମଣିଷର ଆଖିରେ ଏକ ଚମକ ସୃଷ୍ଟି ହୋଇଯାଏ କିନ୍ତୁ ସର୍ତ ହେଉଛି ଏହା କି ସେହି ଦୁଃଖ ଅଧିକ ସମୟ ନ ରହୁ ।

**ଅବ୍‌ୟଜ୍ଜତ୍ ଅଇନାହୁ ମିନଲ୍ ହୁଜ୍‌ନି** ର ଅର୍ଥ ଭିଷଣ ଦୁଃଖରେ ପିଡ଼ିତ ହେବା ମଧ୍ୟ ହୋଇଥାଏ । ତେଣୁ ଏହି ସବୁ ଅର୍ଥର ଉପସ୍ଥିତିରେ ଅନ୍ୟ ଅର୍ଥ କରିବା କେବଳ ଆଶ୍ଚର୍ଯ୍ୟଜନକ କୁହାଯାଇପାରେ ଯାହାର ପବିତ୍ର କୁର୍‌ଆନ୍‌ର ଆବଶ୍ୟକତା ନାହିଁ । ଯେବେ କି ତା'ପରେ ପରେ ଅଲ୍ଲାଃ ତାଲା **ଓ୍ୱ ହୁଓ୍ୱ କଜିମ୍** ବାକ୍ୟ ବ୍ୟବହାର କରିଛନ୍ତି, ଯାହାର ଅର୍ଥ ହେଉଛି ଏହା କି ହଜ୍‌ରତ୍ ୟାକୁବ୍ ଆ:ସ ନିଜର ଦୁଃଖକୁ ଚାପି ରଖିବାରେ ସଫଳ ହୋଇଗଲେ । ତେବେ ପୁଣି କିପରି ଏକଥା ଗ୍ରହଣୀୟ

## ନବୀ ସ:ଆ:ସଙ୍କ ବାଣୀ

(୧୨୪୬) ହଜ୍‌ରତ୍ ଅନସ୍ ବିନ୍ ମାଲିକ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି ସ:ଆ:ସ କହିଲେ: ଜୈଦ୍ ର:ଅ ଧ୍ୱଜାକୁ ଧାରଣ କଲେ, ସେ ଶହୀଦ ହେଲେ । ପୁଣି ଜାଫର୍ ର:ଅ ତାହାକୁ ଧାରଣ କଲେ, ସେ ମଧ୍ୟ ଶହୀଦ ହେଲେ । ପୁଣି ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ତାହାକୁ ନେଲେ, ସେ ମଧ୍ୟ ଶହୀଦ୍ ହେଲେ । (ମହାଭାଗ ସ:ଆ:ସ ଏକଥା କହି ଚାଲୁଥିଲେ) ଏବଂ ଅବସ୍ଥା ଏହା ଥିଲା ଯେ ତାଙ୍କ ଆଖିରୁ ଲୁହ ଝରୁଥିଲା । ପୁଣି ହଜ୍‌ରତ୍ ଖାଲିଦ୍ ର:ଅ ବିନ୍ ଓ୍ୱଲିଦ୍ ତାହାକୁ କୌଣସି ସର୍‌ଦାର୍ ନ ହୋଇ ବହନ କଲେ ଓ ତାଙ୍କୁ ବିଜୟ ପ୍ରାପ୍ତ ହେଲା ।

ହଜ୍‌ରତ୍ ସୟଦ୍ ଜୈନୁଲ୍ ଆବିଦିନ୍ ଓ୍ୱଲିଅଲ୍ଲାଃ ଶାହ୍ ର:ଅ ଏହି ହଦିସ୍‌ର ବ୍ୟାଖ୍ୟାରେ କହିଛନ୍ତି ଯେ ଏହା ମୌତାଃ ଯୁଦ୍ଧ ଆଡ଼କୁ ଇସାରା କରୁଛି । ତାହା ସିରିଆର ସୀମାନ୍ତରେ ହୋଇଥିଲା । ଏହି ଯୁଦ୍ଧରେ ହଜ୍‌ରତ୍ ଜୈଦ୍ ବିନ୍ ହାରିସାଃ ର:ଅ ଯୁଦ୍ଧ କମାଣ୍ଡର ରୂପେ ନିଯୁକ୍ତ ହୋଇଥିଲେ, ଯିଏ ଜଣେ ସ୍ୱାଧିନ ହୋଇଥିବା ଗୁଲାମ୍ ଥିଲେ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଥିଲେ ଯେ ଯଦି ସେ (ଅର୍ଥାତ ଜୈଦ୍ ର:ଅ) ଶହୀଦ୍ ହୋଇଯାଆନ୍ତି, ତେବେ ହଜ୍‌ରତ୍ ଜାଫର୍ ର:ଅ, ଯଦି ଇଏ ଶହୀଦ ହୁଅନ୍ତି ତେବେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଯୁଦ୍ଧ କମାଣ୍ଡର ହେବେ । ମୁସଲମାନମାନଙ୍କର ତିନି ହଜାର ସୈନିକ ଥିଲେ ଓ ଶତୃପକ୍ଷର ସୈନ୍ୟଦଳରେ ପ୍ରାୟ ଏକ ଲକ୍ଷ ସୈନିକ ଥିଲେ ଏହି ତିନିଜଣ ଗୌରବମୟ ସାହାବି ଜଣକ ପରେ ଜଣେ ଯୁଦ୍ଧ ଭୂମିରେ କାମରେ ଆସିଲେ । ଶେଷରେ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅଙ୍କ ହାତରେ ବିଜୟ ପ୍ରାପ୍ତ ହେଲା । ଉପର ବର୍ଣ୍ଣିତ ତିନିଜଣ ସାହାବାଙ୍କ ଶହୀଦ ହେବାର ଖବର ହଜ୍‌ରତ୍ ମୁହମ୍ମଦ ସ:ଆ:ସ କଶ୍‌ଫ୍ ବା ଓ୍ୱହି (ଅର୍ଥାତ ଐଶିବାଣୀ) ଜରିଆରେ ପ୍ରାପ୍ତ କରି ଘଟଣା ଘଟିବା ପୂର୍ବରୁ ହିଁ ବତାଇଦେଇଥିଲେ । ଏହି ସମ୍ମାନସ୍ପଦ ଓ ନିଷ୍ଠାବାନ ସାଥିମାନଙ୍କ ବିୟୋଗ ହେବାର ଚିନ୍ତାରେ ମହାଭାଗ ସ:ଆ:ସଙ୍କ ଆଖିରୁ ଅନିୟନ୍ତ୍ରିତ ଲୁହ ପ୍ରବାହିତ ହେଲା ।

***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଯନାଇଜ୍, ମୁଦ୍ରଣ କାଦିଆନ୍-୨୦୦୬)***

ହୋଇପାରେ ଯେ ହଜ୍‌ରତ୍ ୟାକୁବ୍ ଆ:ସ କାନ୍ଦି କାନ୍ଦି ନିଜର ଆଖି ନଷ୍ଟ କରିଦେଲେ । କାନ୍ଦି କାନ୍ଦି ଆଖି ହରାଇଥିବା ଲୋକକୁ କେହି ଦୁଃଖ ଦମନକାରୀ ବ୍ୟକ୍ତି ବୋଲି କହିପାରିବେ ନାହିଁ । ଏହି ଶବ୍ଦର ଉପସ୍ଥିତିରେ ଯଦି **ଇବ୍‌ୟଜ୍ଜା** ର ଅର୍ଥ ଭାଷାକୋଷରେ କାନ୍ଦି କାନ୍ଦି ଅନ୍ଧ ହୋଇଯିବା ତେବେ ମଧ୍ୟ ତାହା ଏହି ସ୍ଥାନରେ ବ୍ୟବହାର ହୋଇପାରିନଥାନ୍ତା ।

ଏତଦ୍‌ବ୍ୟତୀତ ହଜ୍‌ରତ୍ ୟାକୁବ୍ ଆ:ସଙ୍କର ନିଜର କଥନକୁ ପବିତ୍ର କୁର୍‌ଆନ୍ ଉଲ୍ଲେଖ କରିଛି ଯେ ସେ କହିଲେ **ଫସବ୍‌ରୁନ୍ ଜମିଲୁନ୍** ଅର୍ଥାତ ମୁଁ ଉଚ୍ଚସ୍ତରର ଧୈର୍ଯ୍ୟ ଦେଖାଇବି । ଯଦି ସେ କାନ୍ଦି କାନ୍ଦି ନିଜର ଆଖି ନଷ୍ଟ କରିଦେଇଥିଲେ ତେବେ ଉଚ୍ଚ କୋଟିର ଧୈର୍ଯ୍ୟର ନମୁନା ଦେଖାଇବାକୁ ସେ କାହିଁକି ଦାବି କରିଥାନ୍ତେ ।

ଧୈର୍ଯ୍ୟର ଭାବାର୍ଥ ଗୋଟିଏ ହଦିସ୍‌ରୁ ଭଲ ଭାବରେ ପ୍ରକାଶ ହୋଇଯାଉଅଛି । ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ:ଆ:ସ ଜଣେ ମହିଳାଙ୍କୁ ତା ନିଜ ପୁଅର କବରଠାରେ କାନ୍ଦୁଥିବାର ଦେଖି କହିଲେ ଧୈର୍ଯ୍ୟ ଧର । ମହିଳାଜଣକ ଉତର ଦେଲା ଯେ ଯଦି ତୁମର ପୁଅ ମରିଥାନ୍ତା ତେବେ ତୁମେ କିପରି ଧୈର୍ଯ୍ୟ ଧରିଥାନ୍ତ । ଜଣାପଡୁଛି ଯେ ସେ ଜାଣିନଥିଲା କି ତାକୁ ଉପଦେଶ ଦେଉଥିବା ବ୍ୟକ୍ତି ରସୁଲେ କରିମ୍ ସ:ଆ:ସ ଥିଲେ । ତା'ର ଏପରି ଉତର ଶୁଣି ରସୁଲେ୍ କରିମ ସ:ଆ:ସ କହିଲେ ଯେ ମୋର ତ ଏଗାର ଜଣ ପିଲା ମୃତ୍ୟୁବରଣ କରିସାରିଛନ୍ତି ଓ ମୁଁ ଧୈର୍ଯ୍ୟ ଧରିଛି । ଏହା କହି ହଜୁର ସ:ଆ:ସ ସେଠାରୁ ଚାଲିଗଲେ । ପରେ ଯେତେବେଳେ ଲୋକମାନେ ତାକୁ ଭର୍ତ୍ସନା କଲେ ଯେ ତୁ ନବି କରିମ୍ ସ:ଆ:ସଙ୍କୁ ଏପରି ଅନୁପଯୁକ୍ତ ଉତର ଦେଲୁ । ଏଥିରେ ସେ ଦୁଃଖିତ ହେଲା ଓ ରସୁଲେ୍ କରିମ ସ:ଆ:ସଙ୍କ ନିକଟକୁ ଯାଇ କହିଲା ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଆପଣଙ୍କୁ ଚିହ୍ନିପାରିନଥିଲି । ମୁଁ ଏବେ ଧୈର୍ଯ୍ୟ ଧରୁଛି । ଏହା ଶୁଣି ଆପଣ ସ:ଆ:ସ କହିଲେ **ଅସ୍‌ସବ୍‌ରୋ ଲିଅଓ୍ୱଲି ଓ୍ୱହଲ୍‌ତିନ୍** ଅର୍ଥାତ ମୁସିବତର ପ୍ରଥମ ଆଘାତ ସମୟରେ ଧୈର୍ଯ୍ୟ ଧରାଯାଇଥାଏ । ପରେ ତ ସମସ୍ତେ ନୀରବ ହୋଇଯାଇଥାନ୍ତି । ଅତଏବ ମଣିଷ କିଛି ଘଂଟା କାନ୍ଦିବା ପରେ ତୁନି ହୋଇଯିବାକୁ ମଧ୍ୟ ଧୈର୍ଯ୍ୟହରା କୁହାଯାଇପାରେ । ତେବେ ଚାଳିଶି ବର୍ଷ କାନ୍ଦୁଥିବା ବ୍ୟକ୍ତି କୋଉ ମୁହଁରେ ଧୈର୍ଯ୍ୟ ଧରିବାର ଓ ପୁଣି ସୁନ୍ଦର ଧୈର୍ଯ୍ୟ ଧରିବାର ଦାବି କରିପାରେ ?

ଅସଲ କଥା ହେଉଛି ଏହା କି ଦୁଃଖର ଅବସ୍ଥାକୁ ଏତେ ଦୀର୍ଘ କରିବା, ଯାହା ମଣିଷକୁ ଅପାରଗ କରିଦିଏ, ତା'ର ଦୁଃଖ ଲୋକମାନଙ୍କ ଉପରେ ପରିପ୍ରକାଶ ହେଉ ବା ନ ହେଉ ତା'ର ନାମ ହେଉଛି "ବିଳାପ କରିବା" ଓ ତାହା ଅପସନ୍ଦ କଥା ଏବଂ ନବୀଙ୍କ ଗୌରବଠାରୁ ବହୁ ଦୂରରେ ଯେ ସେ କୌଣସି ଏକ କଥା ଯୋଗୁଁ ଏତେ ମାତ୍ରାରେ ଦୁଃଖ କରିବେ ଯେ ସେଥିଯୋଗୁଁ ସେ ମୃତପ୍ରାୟ ହୋଇଯିବେ । ଯଦି ସେ କାନ୍ଦିବାରେ ବ୍ୟସ୍ତ ଥିଲେ, ତେବେ ଧର୍ମ ସେବା କେତେବେଳେ ଓ କିପରି କରୁଥିଲେ ? ସୁତରାଂ ସାଙ୍କେତିକ ଅର୍ଥ ହିସାବରେ ମଧ୍ୟ ଏପରି ଅର୍ଥ କରିବା ଉଚିତ ଯାହା ହଜ୍‌ରତ୍ ୟାକୁବ୍ ଆ:ସଙ୍କ ଗୌରବ ଅନୁଯାୟୀ ହେଉଥିବ ନା ଏପରି କରାଯାଉ ଯାହା ତାଙ୍କୁ ଜଣେ ସାଧାରଣ ମୋମିନ୍ (ବିଶ୍ୱାସକାରୀ)ର ସ୍ତରରୁ ମଧ୍ୟ ତଳକୁ ଖସାଇ ଦେଉଥିବ ।

***(ତଫ୍‌ସିର କବୀର, ଖଣ୍ଡ-୩, ପୃ-୩୪୯ ମୁଦ୍ରଣ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସଂଖ୍ୟାରେ ବଇତୁସ୍ ସବୁହ୍‌ର ବାହ୍ୟ ପ୍ରାଙ୍ଗଣରେ ଏକତ୍ରିତ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଲୋକମାନଙ୍କ ଗହଣକୁ ଗଲେ ଓ ପ୍ରାୟ ଦଶ ମିନିଟ ପର୍ଯ୍ୟନ୍ତ ଲୋକମାନଙ୍କ ଗହଣରେ ବିରାଜମାନ ରହିଲେ । ଏହି ଅବଧିରେ ଛୋଟ ଛୋଟ କୁନି କୁନି ଝିଅ ପିଲାମାନେ ଦଳଗତ ଭାବରେ ବିଦାୟ ମୂଳକ ନଜମ୍ ପାଠ କରୁଥିଲେ ଓ ମହିଳାମାନେ ହଜୁରଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଜମାତ୍‌ର ସଦସ୍ୟମାନଙ୍କ ସହିତ କଥା ହେଉଥିଲେ ।

ବଇତୁସ୍ ସବୁହ୍‌ର ରୋଷେଇଶାଳାରେ କାମ କରୁଥିବା ଜଣେ ଯୁବକଙ୍କ ହାତରେ ଆଙ୍ଗୁଳିରେ ଏକ ପଟି ବନ୍ଧା ହୋଇଥିଲା ଓ ତାଙ୍କ ହାତରେ ବ୍ୟଥା ହେଉଥିଲା । ହଜୁର ଅନଓ୍ୱର ଅ:ବ:ଅ ସ୍ନେହର ସହିତ ତାଙ୍କ ହାତକୁ ଧରି ହାତର ବିଭିନ୍ନ ଅଂଶକୁ ନିଜ ଆଙ୍ଗୁଳିକୁ ରଖି ପଚାରିଲେ କଣ ଏଠାରେ ଦରଜ ହେଉି କି ବା ଏଠାରେ ଦରଜ ହେଉଛି ? ପୁଣି ତାଙ୍କ ପାଇଁ ହୋମିଓପ୍ୟାଥି ଔଷଧ ବତାଇଲେ ।

ପରେ ଠିକ୍ ୧୧:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଇଜ୍‌ତିମାଇ ଦୁଆ (ସାମୁହିକ ପ୍ରାର୍ଥନା) କରାଇଲେ ଓ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ କାଫିଲା ବର୍ଲିନ୍ ସହର ଅଭିମୁଖେ ଯାତ୍ରା ଆରମ୍ଭ କଲା । ବଇତୁସ୍ ସବୁହ୍ (ଫ୍ରାଙ୍କଫର୍ଟ)ଠାରୁ ବର୍ଲିନ୍‌ର ଦୂରତା ୫୫୦ କିଲୋମିଟର । ପ୍ରୋଗ୍ରାମ ମୁତାବକ ୩୨୫ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଠିକ୍ ୩:୦୦ରେ Oterfeld ଠାରେ ଥିବା Amadues ହୋଟେଲ୍‌ଠାରେ ପଦାର୍ପଣ ହେଲା । ଜୋହର୍ ଏବଂ ଅସର ନମାଜ ପାଠ ଏବଂ ଖାଇବାର ବ୍ୟବସ୍ଥା ଏଠାରେ କରାଯାଇଥିଲା ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୩:୦୦ଟାରେ ହୋଟେଲ୍‌ର ଏକ ହଲ୍‌ରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ଦ୍ୱିପ୍ରହରର ଭୋଜନ (Lunch) କରିବା ପରେ ଠିକ୍ ୪:୧୫ ରେ ଏଠାରୁ ବର୍ଲିନ୍ ନିମନ୍ତେ ଯାତ୍ରା ଆରମ୍ଭ ହେଲା । ପ୍ରାୟ ଅଢ଼େଇଘଂଟା ଯାତ୍ରା କରିବା ପରେ ଠିକ୍ ସନ୍ଧ୍ୟା ୬:୪୫ରେ ''ମସ୍‌ଜିଦ୍ ଖଦିଜା'' ବର୍ଲିନ୍‌ଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କର ପଦାର୍ପଣ ହେଲା । ଯେଉଁଠି ଯମାତ୍‌ର ସଦସ୍ୟମାନେ ବହୁ ସଂଖ୍ୟାରେ ନିଜ ପ୍ରିୟ ଆକାଙ୍କୁ ଭବ୍ୟ ସ୍ୱାଗତ ଜଣାଇଲେ । ଆବାଳବୃଦ୍ଧବନିତା ଦ୍ୱିପ୍ରହର ପରେ ଏଠାରେ ଏକତ୍ରିତ ହେବା ଆରମ୍ଭ କରି ଦେଇଥିଲେ । ହଜୁରଙ୍କ ଆଗମନରେ ସମସ୍ତେ ଅହ୍‌ଲଉଁ ଓ୍ୱ ସହ୍‌ଲଉଁ (ସ୍ୱାଗତଂ ସ୍ୱାଗତଂ) ଧ୍ୱନି ଉଚ୍ଚାରଣ କରୁଥିଲେ ।

***କ୍ରମଶଃ......***

## ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ରୂପେ ସେବା କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ ।

ସର୍ତାବଳୀ: (୧) ପ୍ରାର୍ଥଙ୍କ ବୟସ ୨୫ ବର୍ଷରୁ ଅଧିକ ହୋଇନଥିବ (୨) ପ୍ରାର୍ଥଙ୍କ ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦ +୨ (୪୫% ପ୍ରତିଶତ ମାର୍କ) ରଖି ପାଶ୍ ହୋଇଥିବା ଉଚିତ (୩) ପ୍ରାର୍ଥୀ ଉର୍ଦ୍ଦୁ/ଇଂଗ୍ରାଜୀ କମ୍ପୋଜିଙ୍ଗ କରିବା ଜାଣିଥିବେ ଏବଂ ପ୍ରତି ମିନିଟରେ ୨୫ଟି ଶବ୍ଦ କମ୍ପୋଜିଂ କରିପାରୁଥିବେ । (୪) ଏହି ଘୋଷଣାର ଦୁଇମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ପ୍ରାପ୍ତ ହେବ, ତାହା ଉପରେ ଚିନ୍ତା କରାଯିବ । (୫) ନିମ୍ନଲିଖିତ ନିସାବ (ପାଠ୍ୟକ୍ରମ) ମୁତାବକ ପରୀକ୍ଷା ନିଆଯିବ । ପ୍ରଶ୍ନପତ୍ରର ପ୍ରତ୍ୟେକ ବିଭାଗରେ ପାଶ୍ କରିବା ଜରୁରୀ ।

ପ୍ରଥମ ଭାଗ ✲ପବିତ୍ର କୁର୍‌ଆନ୍ ନାଜ୍‌ରାଃ ସମ୍ପୁର୍ଣ୍ଣ, ପ୍ରଥମ ପାରା (ଅଧ୍ୟାୟ) ଅନୁବାଦ ସହିତ ଚାଲିସ୍ ଜଓ୍ୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ସମ୍ପୁର୍ଣ୍ଣ ନମାଜ ଅନୁବାଦ ସହିତ (୩୦ ନମ୍ବର)

ଦ୍ୱିତୀୟ ଭାଗ ✲ କଶ୍‌ତି ନୂହ୍, ବାରକାତୁଦ୍ ଦୁଆ, ଦିନୀ ମାଲୁମାତ୍
✲ ଜମାତ୍ ଅହେମଦୀୟାର ବିଶ୍ୱାସ
✲ ଦୁର୍‌ରେ ସମିନ୍‌ର ନଜମ୍ (ଶାନେ ଇସ୍‌ଲାମ୍) (୨୦ ନମ୍ବର)

ତୃତୀୟ ଭାଗ ✲ ଇଂଟର ମିଡ଼ିଏଟ୍ (୧୦,+୨) ମୁତାବକ ଇଂରାଜୀ (୨୦ ନମ୍ବର)

ଚତୁର୍ଥ ଭାଗ ✲ ଗଣିତ ମେଟ୍ରିକ ଶିକ୍ଷା ପର୍ଯ୍ୟନ୍ତ (୨୦ ନମ୍ବର)

ପଂଚମ ଭାଗ ✲ ସାଧାରଣ ଜ୍ଞାନ (୧୦ ନମ୍ବର)

(୬) ଲିଖିତ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ଇଂଟରଭ୍ୟୁ ହେବ । (୭) ଲିଖିତ ପରୀକ୍ଷା, କମ୍ପ୍ୟୁଟର ଟେଷ୍ଟ ଏବଂ ଇଂଟରଭ୍ୟୁରେ ପାଶ୍ ହେବା ପରେ ପ୍ରାର୍ଥୀଙ୍କୁ ନୂର୍ ହସ୍‌ପିଟାଲ୍ କାଦିଆନ୍‌ରେ ଯାଇ ନିଜ ସ୍ୱାସ୍ଥ୍ୟର ଡ଼ାକ୍ତରୀ ପରୀକ୍ଷା କରାଇବାକୁ ହେବ । କେବଳ ସେହି ପ୍ରାର୍ଥୀମାନେ ସେବା କରିବାକୁ ଯୋଗ୍ୟ ବିବେଚିତ ହେବେ, ଯେଉଁମାନେ ନୂର ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ଫିଟ୍ ହେବେ ।
(୮) ଚୟନ ହେବାପରେ ପ୍ରାର୍ଥୀ କାଦିଆନ୍‌ରେ ନିଜର ରହିବା ବ୍ୟବସ୍ଥା ନିଜେ କରିବେ ।
(୯) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
(ନୋଟ୍: ଲିଖିତ ପରୀକ୍ଷା ଏବଂ ଇଂଟରଭ୍ୟୁର ତାରିଖ ବିଷୟରେ ପ୍ରାର୍ଥୀଙ୍କୁ ପରେ ଜଣାଇ ଦିଆଯିବ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ: ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ Pin: 143516
ମୋବାଇଲ୍: 09682627592, 09682587713
ଦଫ୍‌ତର୍: 01872-501130
E-mail: diwan@qadian.in

# ଜରୁରୀ ଘୋଷଣା

## ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ମୋ ଆସିବାର କାରଣ ଓ ଉଦ୍ଦେଶ୍ୟ ହେଉଛି କେବଳ ଇସ୍‌ଲାମ୍‌ର ପୂର୍ନବିନ୍ୟାସ ଓ ସମର୍ଥନ କରିବା'' । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

**୨୩ ମାର୍ଚ୍ଚ, ମସିହ୍ ମଉଦ୍ ଦିବସ ଅବସରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଲେଖନୀରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭାବ ହେବାର ଆବଶ୍ୟକତା, ଉଦ୍ଦେଶ୍ୟ ଏବଂ ମହାଭାଗ ସ:ଆ:ସଙ୍କ ସତ୍ୟତାର ବର୍ଣ୍ଣନା**

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଉଦ୍ଦେଶ୍ୟ ପବିତ୍ର କୁରଆନ୍‌ର ଭବିଷ୍ୟବାଣୀ ଓ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ତଜ୍‌ଦିବେ ଦୀନ୍ ଅର୍ଥାତ ଧର୍ମର ପୂର୍ନବିନ୍ୟାସ କରିବା ଏବଂ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚଳନ କରିବା ।

''ଈଶ୍ୱରଙ୍କର ସେହି ଐଶିବାଣୀ ଯାହା ଉପରେ ଅବତୀର୍ଣ୍ଣ ହେଲା, ତାହା ଏତେ ସୁନିଶ୍ଚିତ ଓ ନିର୍ଦ୍ଦିଷ୍ଟ ଯେ, ତାହା ମାଧ୍ୟମରେ ମୁଁ ମୋ ଈଶ୍ୱରଙ୍କୁ ପ୍ରାପ୍ତ କଲି । ସେହି ଐଶିବାଣୀ ନା କେବଳ ଆକାଶୀୟ ନିଦର୍ଶନ ଜରିଆରେ ଦୃଢ଼ ବିଶ୍ୱାସର ସ୍ତରକୁ ପହଂଚିଲା ବରଂ ତାହାର ପ୍ରତ୍ୟେକ ଅଂଶକୁ ଯେବେ ଖୁଦାଙ୍କ ବାଣୀ ପବିତ୍ର କୁରଆନ୍ ସହିତ ପରଖି ଦେଖାଗଲା ତାହା ତା ଅନୁଯାୟୀ ପ୍ରମାଣିତ ହେଲା ଏବଂ ତାହାକୁ ସମର୍ଥନ କରିବାପାଇଁ ବର୍ଷା ପରି ଆକାଶରୁ ନିଦର୍ଶନମାନ ବର୍ଷିବାକୁ ଲାଗିଲା'' । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

''ମୁଁ ସେହି ପରପ ପ୍ରତାପି ଅଲ୍ଲାଃଙ୍କ ରାଣ ଖାଇ କହୁଛି ଯେ ମୁଁ ତା ତରଫରୁ ଆସିଅଛି । ସେ ଖୁବ୍ ଭଲଭାବେ ଜାଣିଛି ଯେ ମୁଁ ଧୋକାବାଜ ନୁହେଁ, ମିଥ୍ୟାବାଦୀ ନୁହେଁ । ମୁଁ ଈଶ୍ୱରଙ୍କ ରାଣ ଖାଇବା ପରେ ଓ ସେହି ସମସ୍ତ ନିଦର୍ଶନଗୁଡ଼ିକୁ ଦେଖିବା ପରେ, ଯାହାକୁ ଅଲ୍ଲାଃ ମୋ ସମର୍ଥନରେ ପ୍ରକାଶ କରିଛନ୍ତି, ପୁଣି ଯଦି ତୁମେମାନେ ମତେ ମିଥ୍ୟାବାଦୀ ଓ ଧୋକାବାଜ କହୁଛ, ତା'ହେଲେ ମୁଁ ତୁମକୁ ଈଶ୍ୱରଙ୍କ ରାଣ ଦେଇ ପଚାରୁଛି ଯେ ଏପରି ଜଣେ ମିଥ୍ୟାବାଦୀର ଦୃଷ୍ଟାନ୍ତ ଉପସ୍ଥାପନ କର ଯିଏ ପ୍ରତ୍ୟହ ଈଶ୍ୱରଙ୍କ ଉପରେ ମିଥ୍ୟାରୋପ ଲାଗଉଥିବ ଓ ପୁଣି ଈଶ୍ୱର ତାକୁ ସାହାଯ୍ୟ ଓ ସମର୍ଥନ କରୁଥିବେ'' । (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

ଆଜି ଏ ଦୁନିଆରେ ପରିବ୍ୟାପ୍ତ ଜମାତ୍ ଅହେମଦୀୟା କ'ଣ ଏହାର ସ୍ପଷ୍ଟ ପ୍ରମାଣ ନୁହେଁ ଯେ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସମର୍ଥନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ରହିଛି !

''ଯଦି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉମ୍ମତ (ଅର୍ଥାତ ଅନୁଯାୟୀ) ହୋଇନଥାନ୍ତି ଓ ଆପଣ ସ:ଆ:ସଙ୍କୁ ଅନୁସରଣ କରିନଥାନ୍ତି, ତେବେ ଯଦି ସଂସାରର ସମସ୍ତ ପାହାଡ଼ ସମ ମୋର କର୍ମ ହୋଇଥାନ୍ତା, ତା'ହେଲେ ମଧ୍ୟ ମୁଁ କେବେ ବି ଈଶ୍ୱରଙ୍କ ସହିତ ବାର୍ତାଳାପ ଓ ସମ୍ବୋଧନ ହେବାର ସୌଭାଗ୍ୟ ପାଇ ପାରିନଥାନ୍ତି କାରଣ ଏବେ ମୁହମ୍ମଦଙ୍କ ନବୁଓ୍ୱତ ବ୍ୟତୀତ ସମସ୍ତ ନବୁଓ୍ୱତ ବନ୍ଦ ହୋଇଯାଇଛି । ଏବେ ଶରିୟତ (ଧର୍ମ ବିଧାନ) ଆଣୁଥିବା ନବୀ କେହି ଆସିପାରିବେ ନାହିଁ କିନ୍ତୁ ବିନା ଶରିୟତ୍‌ରେ ନବୀ ହୋଇପାରିବେ କିନ୍ତୁ ସେ ହୋଇପାରିବ ଯିଏ ପୂର୍ବରୁ ଉମ୍ମତି ହୋଇଥିବ (ଅର୍ଥାତ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ପ୍ରଦାୟର ହୋଇଥିବ) ।'' (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

''ଯେଉଁ କାର୍ଯ୍ୟ ପାଇଁ ମତେ ଅଲ୍ଲାଃ ନିୟୋଜିତ କରିଛନ୍ତି ତାହା ହେଉଛି ଏହା କି ଈଶ୍ୱର ଓ ତାହାଙ୍କ ଭକ୍ତମାନଙ୍କ ମଧ୍ୟରେ ଯେଉଁ ଦୂରତା ଓ କଳୁଷତା ସୃଷ୍ଟି ହୋଇଯାଇଥିଲା, ତାହାକୁ ମୁଁ ଦୂର କରିବି ଓ ପ୍ରେମ ଓ ନିଷ୍ଠାର ସମ୍ପର୍କକୁ ପୂନର୍ବାର ପ୍ରତିଷ୍ଠା କରିଦେବି ଏବଂ ସତ୍ୟର ପରିପ୍ରକାଶ କରି ଧର୍ମ ଯୁଦ୍ଧକୁ ଶେଷ କରି ସୁଲାହ (ସନ୍ଧି)ର ମୂଳଦୁଆ ପକାଇବି ଏବଂ ସେହି ଧାର୍ମିକ ସତ୍ୟତା ଯାହା ସଂସାରର ଆଖିବରୁ ଅଦୃଶ ହୋଇଯାଇଥିଲା, ତାହାକୁ ପ୍ରକାଶ କରିବି । ଯେଉଁ ଆଧାତ୍ମିକତା ଆତ୍ମାର ଅନ୍ଧକାର ମଧ୍ୟରେ ଲୁଚି ଯାଇଥିଲା ତାହାର ଦୃଷ୍ଟାନ୍ତ ଦେଖାଇବି ଏବଂ ଈଶ୍ୱରଙ୍କର ଯେଉଁ ଶକ୍ତି ରହିଛି, ଯାହା ମଣିଷ ମଧ୍ୟରେ ପ୍ରବେଶ କିର ଦୁଆ ବା ଧ୍ୟାନ ଆକାରରେ ପ୍ରକାଶ ହୋଇଥାଏ ତାହାକୁ କେବଳ କଥାରେ ନୁହେଁ ବରଂ କର୍ମରେ କରି ଦେଖାଇବି । ସବୁଠାରୁ ବଳି ଏହା କି ସେହି ନିଷ୍ଠା ଓ ଚମକପ୍ରଦ ଏକେଶ୍ୱରବାଦ ଯାହା ପ୍ରତ୍ୟେକ ପ୍ରକାରର ସିର୍କରୁ ରହିତ, ଓ ଯାହା ଏବେ ଲୁପ୍ତ ହୋଇଯାଇଛି, ତାହାର ପୂନର୍ବାର ଏ ଜାତିରେ ସ୍ଥାୟୀ ଚାରା ରୋପଣ କରିବି ।'' (ହଜ୍‌ରତ୍ ମସିହ୍ ମଉଦ୍ ଆ:ସ)

ଅଲ୍‌ଜଜାଇର୍ ଏବଂ ପାକିସ୍ତାନରେ ଅହେମଦୀମାନଙ୍କର ବିରୋଧକୁ ଆଖି ଆଗରେ ରଖି ବିଶେଷ ଦୁଆ କରିବାପାଇଁ ପୂନର୍ବାର ଆହ୍ୱାନ

ଅହେମଦୀମାନଙ୍କୁ ହୁକୁମୁଲ୍ଲାଃ (ଅଲ୍ଲାଃଙ୍କ ଅଧିକାର) ଏବଂ ହୁକୁକୁଲ୍ ଇବାଦ୍ (ଅର୍ଥାତ ମାନବଜାତି ପ୍ରତି ଥିବା ଅଧିକାର)କୁ ପ୍ରଦାନ କରି ଈଶ୍ୱରଙ୍କ ସହିତ ବିଶେଷ ସମ୍ପର୍କ ଯୋଡ଼ିବା ପାଇଁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୨୬ ମାର୍ଚ୍ଚ ୨୦୨୧ ଅନୁଯାୟୀ ୨୬ ଅମାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

**ହୁଅଲ୍ଲଜି ବାଆସା ଫିଲ୍ ଉମ୍ମିୟୀନା ରସୁଲମ୍ ମିନ୍‌ହୁମ୍ ୟତ୍‌ଲୁ ଅଲୈହିମ୍ ଆୟାତିହି ଓ୍ୱୟୁଜକ୍କିହିମ୍ ଓ୍ୱ ୟୁଅଲ୍ଲିମୁହୁମୁଲ୍ କିତାବା ଓ୍ୱଲ୍ ହିକ୍‌ମତା ଓ୍ୱଇନ୍ କାନୁ ମିନ୍ କବ୍‌ଲୁ ଲଫି ଜଲାଲିମ୍ ମୁବିନ୍ (ଅଲ୍‌ଯୁମାଃ:୦୩) ।** ଅର୍ଥାତ ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାଙ୍କରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି ସେହି ରସୁଲ୍ ନିରକ୍ଷର ହେବା ସତ୍ୱେ ସେମାନଙ୍କୁ ଅଲ୍ଲାଃ ତାଲାଙ୍କ ଆଦେଶବଳୀକୁ ପାଠ କରି ଶୁଣାଉଛନ୍ତି ଏବଂ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମଗ୍ରନ୍ଥ ଓ ତତ୍ୱ ଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏତଦ୍ ପୂର୍ବରୁ ପୂର୍ଣ୍ଣ ବିଭ୍ରାନ୍ତ ମଧ୍ୟରେ ରହିଥିଲେ ।

ପୁନଶ୍ଚ ଅଲ୍ଲାଃ ତାଲା ପବିତ୍ର କୁରଆନ୍ କରିମ୍‌ରେ କୁହନ୍ତି **ଓ୍ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲ୍‌ହକୁ ବିହିମ୍ ଓ୍ୱ ହୁଅଲ୍ ଅଜିଜୁଲ୍ ହକିମ୍ (ଅଲ୍‌ଯୁମାଃ:୦୪) ।** ଅର୍ଥାତ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ୱଜ୍ଞ ।

ଦୁଇ ତିନି ଦିନ ପୂର୍ବେ ୨୩ ମାର୍ଚ୍ଚର ଦିନ ଥିଲା ଯମାତ୍ ଅହେମଦୀୟାରେ ଏହି ଦିନ ଏଥିପାଇଁ ସ୍ମରଣ ରଖି ପାଳନ କରାଯାଇଥାଏ କି ଏହି ଦିନ ଯମାତ୍ ଅହେମଦୀୟାର ସ୍ଥାପନ କରାଯାଇଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଦିନ ଯମାତ୍‌ର ସଦସ୍ୟଙ୍କଠାରୁ ବୟତ ନେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ ଏହି ଦିନଟି ଆମମାନଙ୍କୁ ଏହି କଥା ସ୍ମରଣକାରୀ ହେବା ଉଚିତ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଅଭିପ୍ରାୟ ଏହା ଥିଲା କି ପବିତ୍ର

କୁର୍‌ଆନ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଧର୍ମ ସଂସ୍କାର କରିବା ଓ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚଳିତ କରାଇବା । ଆମେମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୈଅତ୍‌ରେ ସମ୍ମିଳିତ ହେବାର ଯେଉଁ ଦାବି କରୁଛେ ସେହି ବୟତକୁ ଚରିତାର୍ଥ କରିବା ନିମନ୍ତେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ତହିଁରେ ଯୋଗଦାନ କରି ପୂଣ୍ୟ କର୍ମରେ ଅଂଶିଦାର ହୋଇପାରିବା ଏବଂ ତତ୍‌ସହିତ ମାର୍ଗଭ୍ରଷ୍ଟ ହୋଇଯାଇଥିବା ମଣିଷର ସମ୍ପର୍କକୁ ଅଲ୍ଲାଃ ତାଲାଙ୍କ ସହିତ ଯୋଡ଼ିବା ଓ ତାହାକୁ ଅକ୍ଷୁର୍ଣ୍ଣ ରଖିବା । ସେହିପରି ଆମେମାନେ ଭକ୍ତମାନଙ୍କର ଅଧିକାରକୁ ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ । ତେଣୁ ଏହା ସ୍ପଷ୍ଟ ଯେ, ଉକ୍ତ କାର୍ଯ୍ୟ ପାଇଁ ଆମମାନଙ୍କୁ ସର୍ବପ୍ରଥମେ ନିଜର ସଂସ୍କାର ଏବଂ ଆତ୍ମସଂଶୋଧନ କରିବା ଉଚିତ । ସେ ଯାହା ହେଉ ନା କାହିଁକି ବର୍ତମାନ ମୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର କେତେକ ଉର୍ଦ୍ଧୁତାଂଶ ଏଠାରେ ଉପସ୍ଥାପିତ କରିବି । ଯେଉଁ ଉଦ୍ଧୃତାଂଶରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଗମନର ଆବଶ୍ୟକତା, ଅଭିପ୍ରାୟ ଏବଂ ବହୁ ପୂର୍ବରୁ କରାଯାଇଥିବା ଭବିଷ୍ୟତବାଣୀଗୁଡ଼ିକ କିଭଳି ସଂପୂର୍ଣ୍ଣ ହୋଇଥିଲା । ଅର୍ଥାତ ପବିତ୍ର କୁର୍‌ଆନ୍‌ରେ ଯେଉଁ ଭବିଷ୍ୟତବାଣୀଗୁଡ଼ିକ ଉଲ୍ଲେଖ ରହିଛି, ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀମାନ ରହିଛି ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମୁଖନିଃସୃତବାଣୀରେ ମଧ୍ୟ ଏହାର ଉଲ୍ଲେଖ ରହିଛି ଯେଉଁଥିରୁ ଆପଣ ଆ:ସଙ୍କ ସତ୍ୟତାର ପ୍ରମାଣ ମିଳୁଅଛି । ଅର୍ଥାତ ଉକ୍ତ ଭବିଷ୍ୟତବାଣୀରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାର ପ୍ରମାଣ ମିଳିଥାଏ । ଅତଏବ ମୁଁ ସେହିପରି ଜମାଅତ୍ ଅହେମଦିୟାରେ ଏପରି ପବିତ୍ର ପରିବର୍ତନ ସୃଷ୍ଟି ହେବା ସଂପର୍କରେ ମଧ୍ୟ ଚର୍ଚ୍ଚା କରିବି ଯେଉଁ ପରିବର୍ତନ ସାହାବାମାନଙ୍କ କ୍ଷେତ୍ରରେ ଦେଖାଦେଇଥିଲା । ସେହିଭଳି ପରିବର୍ତନ ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବର୍ଣ୍ଣନା କରିଛନ୍ତି ଯେଉଁ କଷ୍ଟ ମଧ୍ୟ ଦେଇ ସାହାବାମାନେ ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସାହାବାମାନେ ଗତି କରଥିଲେ ସେହିଭଳି କଷ୍ଟ ମଧ୍ୟ ଦେଇ ଯମାତ୍ ଅହେମଦୀୟାର ସଦସ୍ୟମାନେ ମଧ୍ୟ ଗତି କରିବେ । ଅତଏବ ଆମମାନଙ୍କୁ ସର୍ବଦା ଏକଥା ନିଜ ସମ୍ମୁଖରେ ରଖିବା ଉଚିତ କାରଣ ସାମଗ୍ରିକ ଭାବରେ କହିବାକୁ ଗଲେ ଆମମାନଙ୍କ ଉନ୍ନତି କରିବା ତଥା ଆମମାନଙ୍କ ଅଧଃପତନ ସବୁକିଛି ଏଥିରେ ଅନ୍ତର୍ନିହିତ ଏହିସବୁ କଥା ଆମମାନଙ୍କୁ ଆମ କର୍ତବ୍ୟ ବୋଧ ପ୍ରତି ସଚେତନ କରାଇଥାଏ । ସେ ଯାହା ହେଉ ନା କାହିଁକି ଯେପରି ମୁଁ କହିଲି ଯେ ବର୍ତମାନ ମୁଁ କେତେକ ଉଦ୍ଧୃତାଂଶ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଏଠାରେ ଉପସ୍ଥାପନ କରିବି । ସେଥିରୁ ଆତ୍ମିୟ ସ୍ୱଜନ ଓ ଅଣଅହେମଦୀମାନଙ୍କ ପାଇଁ ମଧ୍ୟ ଉଦ୍ଦିଷ୍ଟ ସେମାନଙ୍କୁ ଯମାତ୍ ଅହେମଦୀୟା ଆଡ଼କୁ ଆମନ୍ତ୍ରିତ କରିଥାଏ ଏହି ଦାବି ଭବିଷ୍ୟତବାଣୀଗୁଡ଼ିକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ସତ୍ୟବାଦୀ ହେବାର ଜ୍ୱଳନ୍ତ ନମୁନା ଅବା ଦୃଷ୍ଟାନ୍ତ କହିଲେ କିଛି ଭୁଲ ହେବ ନାହିଁ ।

ଉପରୋକ୍ତରେ ମୁଁ ଯେଉଁ ପବିତ୍ର କୁର୍‌ଆନ୍‌ର ପଂକ୍ତିମାନ ପାଠ କରି ଆସିଲି ସେଥିରେ ବା ତାହାର ବ୍ୟାଖ୍ୟା କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ସ୍ଥାନରେ କୁହନ୍ତି ଯାହାର ସାରମର୍ମ ଏହି କି ଯେ, ଅଲ୍ଲାଃ ତାଲା ନିଜର ବାର୍ତାବହଙ୍କୁ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତରେ ପ୍ରେରଣ କଲେ ଯେତେବେଳେ ଲୋକମାନେ ଧାର୍ମିକ ତତ୍ୱଜ୍ଞାନକୁ ସମ୍ପୁର୍ଣ୍ଣରୂପେ ପାସୋରି ବସିଥିଲେ ଏବଂ ଲୋକମାନେ ମାର୍ଗଚ୍ୟୁତ ହୋଇଯାଇଥିଲେ । ଯେଉଁ ଧାର୍ମିକ ତତ୍ୱଜ୍ଞାନ ବଳରେ ମନୁଷ୍ୟ ମାନବିକ ତଥା ଆତ୍ମିକ ଜ୍ଞାନ ମାଧ୍ୟମରେ କର୍ମର ଶୀର୍ଷସ୍ଥାନରେ ଉପନୀତ ହୋଇଥାଏ । ସେହି ସତ୍‌ମାର୍ଗରୁ ମନୁଷ୍ୟ ଜାତି ଦୁରେଇ ଯାଇଥିଲା ଏବଂ ଅସତ୍ ଓ ଅପକର୍ମର ବଶିଭୂତ ହୋଇଯାଇଥିଲା । ଏଭଳି ଘଡ଼ିସନ୍ଧି ମୂହୁର୍ତରେ ଅଲ୍ଲାଃ ତାଲା ନିଜର ନିରକ୍ଷର ବାର୍ତାବହଙ୍କୁ ପ୍ରେରଣ କଲେ ଏବଂ ଅଲ୍ଲାଃ ତାଲାଙ୍କ ସେହି ବାର୍ତାବହ ସେହି ଅପବିତ୍ର ଆତ୍ମାଗୁଡ଼ିକୁ ପବିତ୍ର କଲେ ଏବଂ ଧର୍ମଗ୍ରନ୍ଥ ଓ ତତ୍ୱଜ୍ଞାନ ମାଧ୍ୟମରେ ତାଙ୍କୁ ସୂଦ୍ଧପୂତ କଲେ । ତାଙ୍କୁ ଶିକ୍ଷା ପ୍ରଦାନ କଲେ, ସତ୍ ଓ ଅସତ୍ ମଧ୍ୟରେ ପ୍ରାର୍ଥକ୍ୟ କରିଦେଇ ଖାଇଦେଲେ । ଅର୍ଥାତ ସେମାନଙ୍କୁ ନିଦର୍ଶନ ଓ ଚମତ୍କାର ମାଧ୍ୟମରେ ବିଶ୍ୱାସର ଶିର୍ଷସ୍ଥାନରେ ପହଂଚାଇ ଦେଲେ ଏବଂ ପ୍ରଭୁଙ୍କ ଚିହ୍ନିବାର ଯେଉଁ ଆଲୋକ ରହିଛି ସେହି ଆଲୋକ ଦ୍ୱାରା ସେମାନଙ୍କ ହୃଦୟକୁ ଆଲୋକିତ କରିଦେଲେ ପୁନଶ୍ଚ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ, ଆଉ ଏକ ଗୋଷ୍ଠି ଅଛି ଯିଏ ଶେଷ ଯୁଗରେ ଆବିର୍ଭୁତ ହେବ ସେହି ଯୁଗର ଲୋକମାନେ ମଧ୍ୟ ଅନ୍ଧକାର ଓ ମାର୍ଗଚ୍ୟୁତ ଥିବେ ଏବଂ ଧାର୍ମିକ ଜ୍ଞାନ ତଥା ତତ୍ୱଜ୍ଞାନରୁ ହସ୍ତଶୂନ୍ୟ ରହିଥିବେ । ସେତେବେଳେ ଅଲ୍ଲାଃ ତାଲା ସେହି ଗୋଷ୍ଠୀକୁ ମଧ୍ୟ ପୂର୍ବ ସାହାବାଙ୍କ ଭଳି ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସାହାବାମାନଙ୍କ ଭଳି ହଜ୍‌ରତ୍ ମସିହ୍ ମଉଦ୍ ଆଁ:ସଙ୍କ ସତ୍ୟତାକୁ ସେମାନଙ୍କଠାରେ ପ୍ରତିପାଦନ କରିବେ ଏବଂ ସେମାନେ ତାହାକୁ ଅବଲୋକନ କରିନେବେ । ଏପରି କି ସେହି ଗୋଷ୍ଠୀ ନୈତିକତା ଓ ବିଶ୍ୱାସରେ ପୂର୍ବବର୍ତୀ ସାହାବାମାନଙ୍କ ପରି ସମାନ ଓ ପରିପୂର୍ଣ୍ଣ ହୋଇଯିବେ ।

ଅତଏବ ଏହା ହିଁ ସେହି ବିଶ୍ୱାସ ଯାହା ଆମମାନଙ୍କ ମଧ୍ୟରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସି ଆପଣ ଆ:ସଙ୍କ ସତ୍ୟତାକୁ ପ୍ରମାଣିତ କରିବା ଉଚିତ ଓ ଆମ ବିଶ୍ୱାସର ଅବସ୍ଥା ଏପରି ହେବା ଉଚିତ । ଈଶ୍ୱରଙ୍କ ଉପରେ ବିଶ୍ୱାସ, ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଏବଂ ଇସ୍‌ଲାମ୍‌ର ସତ୍ୟତା ଉପରେ ବିଶ୍ୱାସ ଓ ଆସ୍ଥା ଆମର ଏଭଳି ହେବା ଉଚିତ । ସାହାବାମାନଙ୍କର ଯେଉଁଭଳି ବିଶ୍ୱାସ ହଜୁର ସ:ଆ:ସଙ୍କ ଉପରେ ଓ ଇସ୍‌ଲାମ୍ ଉପରେ ରହିଥିଲା ଯେଉଁ ବିଶ୍ୱାସ ସମ୍ପର୍କରେ ମୁଁ ପୂର୍ବ ଖୁତ୍‌ବା ଗୁଡ଼ିକରେ ଆଲୋଚନା କରିସାରିଛି ଏବଂ ଉଦାହରଣ ମଧ୍ୟ ଆପଣମାନଙ୍କ ସମ୍ମୁଖରେ ରଖିଥିଲି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ସେହି ହଦୀସ୍‌ରେ ମଧ୍ୟ ହଜୁର ସ:ଆ:ସ ଉକ୍ତ ଆୟତର ବ୍ୟାଖ୍ୟା ସମୟରେ ହଜ୍‌ରତ୍ ସଲ୍‌ମାନ୍ ଫାର୍ସିଙ୍କ କାନ୍ଧ ଉପରେ ନିଜର ପବିତ୍ର ହାତ ରଖି କହିଲେ, **ଲୌ କାନଲ୍ ଇମାନୁ ମୁଅଲ୍ଲକନ୍ ବିସ୍‌ସୁରୈୟା ଲନାଲହୁ ରଜୁଲୁନ୍ ମିନ୍ ଫାରିସ୍ ।** *ଅର୍ଥାତ ଈଶ୍ୱର ବିଶ୍ୱାସ ଯେତେବେଳେ ଧରାପୃଷ୍ଠରୁ ଉଭେଇ ଯାଇ ଆକାଶଲୋକକୁ ଉଠିଯିବ ସେତେବେଳେ ଜଣେ ଫାର୍ସିୟ ବଂଶୋଭବ ବ୍ୟକ୍ତି ଉକ୍ତ ବିଶ୍ୱାସକୁ ପୁନଃ ପୃଥିବୀରେ ସ୍ଥାପନ କରିବେ ।* ଅର୍ଥାତ ଫେରାଇ ଆଣିବେ । ଉକ୍ତ କଥାଟି ଏହି ଆଡ଼କୁ ଇଙ୍ଗିତ କରେ ଯେ, ଶେଷ ଯୁଗରେ (ଅର୍ଥାତ କଳିଯୁଗରେ) ଫାର୍ସିୟ ବଂଶୋଭବ ଜଣେ ବ୍ୟକ୍ତି ଧରାପୃଷ୍ଠରେ ଜନ୍ମଗ୍ରହଣ କରିବେ ସେହି ଯୁଗ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, କୁର୍‌ଆନ୍ ଆକାଶକୁ ଉଠାଇ ନିଆଯିବ ଏହା ହିଁ ସେହି ଯୁଗ ଯେଉଁ ଯୁଗକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ୍‌ଙ୍କ ଯୁଗ ଭାବରେ ଅଭିହିତ କରାଯାଏ । ଅର୍ଥାତ ଏହି ଯୁଗରେ ଲୋକମାନେ ସମ୍ପୁର୍ଣ୍ଣରୂପେ ଇସ୍‌ଲାମ୍‌ର ଶିକ୍ଷାକୁ ଏବଂ ପବିତ୍ର ଧର୍ମଗ୍ରନ୍ଥ କୁର୍‌ଆନ୍‌ର ଶିକ୍ଷାକୁ ଭୂଲି ଯିବେ । ସେହି ଯୁଗରେ ଏହି ଫାର୍ସିୟ ବଂଶ ମଧ୍ୟରୁ ଯାହାଙ୍କ ନାମ ମସିହ ମଉଦ୍ ଅର୍ଥାତ ପ୍ରତିଶୃତ ମସିହ୍ ରଖା ଯିବ ବା ରଖାଯାଇଛି, ସେ ଆବିର୍ଭୂତ ହେବେ କାରଣ କୃଶୀୟ ଆକ୍ରମଣକୁ ରୋକିବା ପାଇଁ ଜଣେ ପ୍ରତିଶୃତ ମସିହ୍‌ଙ୍କ ଆଗମନ ନିତ୍ୟାନ୍ତ ଆବଶ୍ୟକ ଅର୍ଥାତ ଖ୍ରୀଷ୍ଟିୟାନ୍‌ମାନେ ଲୋକଙ୍କ ବିଶ୍ୱାସ ଉପରେ ଆକ୍ରମଣ କରିବେ ଯଦ୍ୱାରା ଲୋକମାନଙ୍କର ବିଶ୍ୱାସ ଗଭୀର ଭାବରେ ପ୍ରଭାବିତ ହେବ । ସେହି ଯୁଗଟି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଯୁଗ ଥିଲା କାରଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜୀବନରେ ହିଁ କେବଳ ଲୋକମାନଙ୍କ ବିଶ୍ୱାସ ଉପରେ ଖ୍ରୀଷ୍ଟଧର୍ମାଲମ୍ବୀମାନେ ଆକ୍ରମଣ କରିଥିଲେ ତାହା ନୁହେଁ ବରଂ ଦୀର୍ଘଦିନ ଧରି ଏହିପରି ଘୋର୍ ଆକ୍ରମଣ ଖ୍ରୀଷ୍ଟଧର୍ମାଲମ୍ବୀମାନେ କରିଚାଲିଥିଲେ । ଯେଉଁ କଥାର ଇତିହାସ ସାକ୍ଷ୍ୟ ପ୍ରଦାନ କରେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଏହା ହିଁ ସେହି ଆକ୍ରମଣ ଯେଉଁ ଆକ୍ରମଣକୁ ଅନ୍ୟ ଅର୍ଥରେ ଦଜାଲ୍‌ର ଉପଦ୍ରବବୋଲି କୁହାଯାଏ । ସେହି ଦଜାଲ୍‌ର ଆକ୍ରମଣ ସମୟରେ ଅନେକ ଅବୋଧ ବ୍ୟକ୍ତି ଏକଶ୍ୱରବାଦକୁ ପରିତ୍ୟାଗ କରିଦେବେ ଏବଂ ଅନେକ ଲୋକଙ୍କର ବିଶ୍ୱାସମୂଳକ ପ୍ରେମ କ୍ରମଶଃ ଶିଥିଳ ପଡ଼ିଯିବ । ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୁରୁଦାୟିତ୍ୱ ଏହା ହେବ ଯେ, ସେ ଧର୍ମ ବିଶ୍ୱାସର ନୂତନ ସଂସ୍କାର ଏବଂ ସଂଶୋଧନ କରିବେ କାରଣ ଦଜାଲ୍‌ର ଆକ୍ରମଣଟି ବିଶ୍ୱାସ ଉପରେ ହେବ ତେଣୁ ହଦିସ୍ ଲୌ କାନଲ୍ ଇମାନରେ ଯେଉଁ ଫାର୍ସି ବ୍ୟକ୍ତିଙ୍କ ସାମଞ୍ଜସ୍ୟ ରହିଛି ତାହିଁରୁ ଏହା ପ୍ରମାଣିତ ହୁଏ ଯେ, ସେହି ଫାର୍ସିୟ ବଂଶ ବ୍ୟକ୍ତି ହିଁ ଉକ୍ତ ବିଶ୍ୱାସକୁ ପୁନଃ ଧରାପୃଷ୍ଠରେ ସ୍ଥାପନ କରିବେ । ସୁତରାଂ ଯେଉଁଭଳି ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ପ୍ରତିଶୃତ ମସିହ୍ ଆବିର୍ଭୂତ ହେବେ ତାଙ୍କର ଆଉ ଏକ କାର୍ଯ୍ୟ ଏହି କି ଯେ, ସେ ହଜି ଯାଇଥିବା ବିଶ୍ୱାସକୁ ପୃଥିବୀକୁ ଫେରାଇ ଆଣିବେ । ଅତଏବ ଏହା ନିଃସନ୍ଦେହ ରୂପେ ପ୍ରମାଣିତ ହେଲା ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ସେହି ଫାର୍ସିୟ ବଂଶଧର ବ୍ୟକ୍ତି ଏବଂ ତାଙ୍କର ଯମାତ୍ ସପକ୍ଷରେ ପବିତ୍ର କୁର୍‌ଆନେ୍ କରିମ୍‌ର ଏହି ଆୟତ ରହିଛି ଯେ, **ଓ୍ୱ ଆଖରିନା ମିନ୍‌ହୁମ ଲମ୍ମା ୟଲ୍‌ହକୁ ବିହିମ୍** । ଅର୍ଥାତ ସେମାନଙ୍କ ବ୍ୟତିତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ଅଲ୍ଲାଃ ତାଲା ପ୍ରତିଶୃତ ମସିହ୍‌ଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଓ ତତ୍ୱଜ୍ଞ । ଏହି ଆୟତର ଅର୍ଥ ହେଉଛି ଅର୍ଥାତ ସଂପୁର୍ଣ୍ଣ ବିଭ୍ରାନ୍ତ ପରେ ମାର୍ଗଦର୍ଶନ ଓ ତତ୍ୱ ପ୍ରାପ୍ତକାରୀ ହଜୁର ସ:ଆ:ସଙ୍କ ଚମତ୍କାର ଓ କଲ୍ୟାଣକୁ ଅବଲୋକନ କାରୀ କେବଳ ଦୁଇଟି ଗୋଷ୍ଠି ସେମାନଙ୍କ ବ୍ୟତିତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାକୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ସାକ୍ଷାତ କରିନାହାନ୍ତି ଏବଂ ସେ ହିଁ ପରାକ୍ରମୀ ଏବଂ ତତ୍ୱଜ୍ଞ । ପ୍ରଥମ ଗୋଷ୍ଠି ହଜୁର ସ:ଆ:ସଙ୍କ ସାହାବା ଅଟନ୍ତି ଯେଉଁମାନେ ହଜୁର ସ:ଆ:ସଙ୍କ ଆବିର୍ଭୃତ ପୂର୍ବରୁ ଅତ୍ୟନ୍ତ ଅନ୍ଧକାରଛନ୍ନ ଥିଲେ । ଅର୍ଥାତ ଅନ୍ଧକାରରେ ବୁଡ଼ି ରହିଥିଲେ ଏହାପରେ ଅଲ୍ଲାଃଙ୍କ କୃପାରୁ ସେମାନେ ହଜୁର ସ:ଆ:ସଙ୍କ ଯୁଗକୁ ଲାଭ କଲେ ଏବଂ ଚମତ୍କାରଗୁଡ଼ିକୁ ସ୍ୱଚକ୍ଷୁରେ ଅବଲୋକନ କଲେ ସେହି ବିଶ୍ୱାସ ତାଙ୍କ ମଧ୍ୟରେ ଏଭଳି ଅଭୁତପୂର୍ବ ପରିବର୍ତନ ସୃଷ୍ଟି କଲା ଯେ, ସେମାନଙ୍କ ପିଣ୍ଡରେ ଗୋଟିଏ ପବିତ୍ର ଆତ୍ମା ବସା ବାନ୍ଧିଗଲା । ଦ୍ୱିତୀୟ ଗୋଷ୍ଠଙ୍କ ଉପରୋକ୍ତ ଆୟତରେ ସାହାବାମାନଙ୍କ ପରି ଅଟେ । ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଷ୍ଠି କାରଣ ଏହା ହେଉଛି ସେହି ଗୋଷ୍ଠି ଯେଉଁ ଗୋଷ୍ଠି ସାହାବାମାନଙ୍କ ପରି ହଜୁର ସ:ଆ:ସଙ୍କ ଚମତ୍କାରକୁ ଅବଲୋକନ କରିବ ଏବଂ ଅନ୍ଧକାର ଓ ପଥଭ୍ରଷ୍ଟ ହେବାପରେ ମାର୍ଗଦର୍ଶନ ପ୍ରାପ୍ତକାରୀ ଦଳ ରୂପେ ବିବେଚିତ ହେବ । ଅର୍ଥାତ **ଓ୍ୱ ଆଖରିନା ମିନ୍‌ହୁମ ଲମ୍ମା ୟଲ୍‌ହକୁ ବିହିମ୍‌**ରେ ଯେଉଁ ଗୋଷ୍ଠିକୁ ମିନ୍‌ହୁମ ର ଦଳ ଅର୍ଥାତ ସାହାବାମାନଙ୍କ ସହିତ ତୁଳନା କରାଯାଇଛି ସେହି ପୁରସ୍କାରରୁ ସେମାନେ ଭାଗ ନେବେ ଏହା ସେହି କଥା ଆଡ଼କୁ ଇଙ୍ଗିତ କରେ ।

କହିଲେ...... ଅତଏବ ଆଜିକାଲି ଏପରି ହିଁ ହେଲା କି ଦୀର୍ଘ ୧୩୦୦ ବର୍ଷ ପରେ ଆଜି ପୁନଶ୍ଚ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଚମତ୍କାରର ଦ୍ୱାର ଉନ୍ମୁକ୍ତ ହୋଇଯାଇଛି ଏବଂ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କରିନେଇଛନ୍ତି । ହଦିସ୍ ଦାରେ କୁତ୍‌ନି ଓ ଫତାଓ୍ୱା ଇବ୍‌ନେ ହଜର୍ ର ହଦିସ୍ ଅନୁଯାୟୀ ରମ୍‌ଜାନ୍ ମାସରେ କୁସୁଫ୍ ଖୁସୁଫ୍ (ଅର୍ଥାତ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ) ଅନୁଷ୍ଠିତ ହେଲା । ଅର୍ଥାତ ରମ୍‌ଜାନ୍ ମାସରେ ସୂର୍ଯ୍ୟଗ୍ରହଣର ଯଥାତିଥ୍ୟ ଓ ତାରିଖରେ ହୋଇଥିବା ବେଳେ ଚନ୍ଦ୍ରପରାଗ ନିଜ ତିଥିର ପ୍ରଥମ ରାତ୍ରରେ ହିଁ ହୋଇଥିଲା ଓ ଏହି ମହାନ୍ ନିଦର୍ଶନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ପରିଲକ୍ଷିତ ହେଲା । ଅତଏବ ଏହି ସୁର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ଏଭଳି ସମୟରେ ଦୃଶ୍ୟମାନ ହେଲା ଯେତେବେଳେ ଦାବି ଉପସ୍ଥାପନକାରୀ ଅର୍ଥାତ ମେହେଦୀ ଉପସ୍ଥିତ ଥିଲେ । ହଦିସ୍‌ର ବାକ୍ୟ ଅନୁଯାୟୀ ଏହି ମହାନ୍ ଜାଗତିକ ଦୃଶ୍ୟ ମର୍ତ୍ୟଲୋକ ଓ ଆକାଶ ଲୋକ ସୃଷ୍ଟି ହେବା ଦିନଠାରୁ କେବେ ହେଲେ ଦୃଶ୍ୟମାନ ହୋଇନଥିଲା । କାରଣ ବର୍ତମାନ ସୁଦ୍ଧା କୌଣସି ବ୍ୟକ୍ତି ଇତିହାସ ପୃଷ୍ଠାରୁ ଉକ୍ତ ମହାଜାଗତିକ ଦୃଶ୍ୟକୁ ପ୍ରମାଣିତ କରିପାରି ନାହିଁ କି କୌଣସି ନଜିର୍ ଅର୍ଥାତ ଦୃଷ୍ଟାନ୍ତ ମଧ୍ୟ ଉପସ୍ଥାପିତ କରିପାରି ନାହିଁ ଅତଏବ ଏହା ହଜୁର ସ:ଆ:ସଙ୍କ ଏକ ଚମତ୍କାର ଥିଲା ଯେଉଁ ଚମତ୍କାରକୁ ଲୋକମାନେ ସ୍ୱଚକ୍ଷୁରେ ଅବଲୋକନ କରିଥିଲେ । ପୁନଶ୍ଚ ହଜ୍‌ରତ୍ ମସିହ ଓ ମେହେଦୀଙ୍କ ଆବିର୍ଭୁତ ହେବା ସମ୍ପର୍କରେ

ଆଉ ଏକ ନିଦର୍ଶନ ବର୍ଣ୍ଣିତ ରହିଛି ଯେ, ତାଙ୍କ ସମୟରେ **ଜୁସ୍ ସନୈନ୍** ତାରକା ମଧ୍ୟ ଦୃଶ୍ୟମାନ ହେବ ଅତଏବ ଏହି ନିଦର୍ଶନକୁ ହଜାର ହଜାର ଲୋକେ ଅବଲୋକନ କଲେ । ସେହିପରି ଜାଭାର ଜ୍ୱାଳାମୁଖୀ ମଧ୍ୟ ମନୁଷ୍ୟମାନେ ଅବଲୋକନ କଲେ ଏବଂ ସେହିପରି ପ୍ଲେଗ୍ ରୋଗର ବ୍ୟାପିବା ଏବଂ ମସିହ୍‌ଙ୍କୁ ହଜ୍ କରିବାକୁ ଅଟକାଇବା ଆଦି ନିଦର୍ଶନକୁ ସମସ୍ତ ଲୋକମାନେ ଦେଖିନେଲେ । ଦେଶରେ ରେଳ ଚଳାଚଳର ପ୍ରସ୍ତୁତ ଆରମ୍ଭ ହେବା ଓ ଓଟକୁ ପରିତ୍ୟକ୍ତ କରିଦେବା, ଅତଏବ ଏହି ସମସ୍ତ ନିଦର୍ଶନମାନ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟତବାଣୀ ଥିଲା । ଯାହା ସାମ୍ପ୍ରତିକ ଯୁଗରେ ପରିଲକ୍ଷିତ ହୋଇଯାଇଛି ଏବଂ ଯେଉଁ ନିଦର୍ଶନକୁ ହଜୁର ସ:ଆ:ସଙ୍କ କାଳରେ ସାହାବାମାନେ ଅବଲୋକନ କରିଥିଲେ । ସେହି କାରଣରୁ ଅଲ୍ଲାଃ ତାଲା ଯାହାଙ୍କ ଶକ୍ତି ଅକ୍ଷୟ ଯିଏ ସମସ୍ତ ଶକ୍ତିର ଆଧାର ସେ ସେହି ଶେଷ ଗୋଷ୍ଠିକୁ ମିନ୍‌ହୁମ୍ ଶବ୍ଦରେ ସୁଚିତ କରିଛନ୍ତି । ଏବଂ ଇଙ୍ଗିତ କରିଛନ୍ତି ଯେ, ଚମତ୍କାରର ଅବଲୋକନ ତଥା ନିରିକ୍ଷଣ ସାହାବାମାନଙ୍କ ପରି ପାଦୁର୍ଭାବ ହେବ ଅତଏବ ଚିନ୍ତା କରି ଦେଖିନିଅ ଯେ, ୧୩୦୦ ବର୍ଷରେ ମିନ୍‌ହାଜେ ନବୁଓ୍ୱତ୍ ଅର୍ଥାତ ଅବତାରତ୍ୱର ପଥରେ କେଉଁ ବ୍ୟକ୍ତି ଏ ସବୁ ପ୍ରାପ୍ତ କରିଛି । ସାମ୍ପ୍ରତିକ ଯୁଗରେ ଆମ ଯମାତ୍‌କୁ ସୃଷ୍ଟି କରାଗଲା ଅନେକ କାରଣମାନ ରହିଛି ଯେଉଁଥିପାଇଁ ଏହି ଜମାଅତ୍‌କୁ ସାହାବ ର:ଅଙ୍କ ସହିତ ସମାନତା ରହିଛି । ତନ୍ମଧ୍ୟରୁ ପ୍ରଥମ କାରଣ ଏହି କି ଯେ, ଯମାତ୍‌କୁ ସାହାବାମାନଙ୍କ ସହିତ ତୁଳନା କରାଯାଇଛି ଏବଂ ସେମାନଙ୍କ ସହିତ ସାମଞ୍ଜସ୍ୟତା ରଖାଯାଇଛି । ଏହି ଯମାତ୍ ସେହି ସବୁ ଚମତ୍କାରକୁ ସେହିଭଳି ଅବଲୋକନ କରେ ଯେଉଁଭଳି ହଜୁର ସ:ଆ:ସଙ୍କ କାଳରେ ସାହାବା **ରଜିଅଲ୍ଲାହୁ ଅନ୍‌ହୁ** ଅବଲୋକନ କରିଥିଲେ । ସେମାନେ ଅଲ୍ଲାଃ ତାଲାଙ୍କ ନିଦର୍ଶନ ଓ ସଦ୍ୟ ସମର୍ଥନ ମାଧ୍ୟମରେ ଆଲୋକ ଓ ବିଶ୍ୱାସକୁ ପ୍ରାପ୍ତ କରୁଛନ୍ତି ଯେଉଁଭଳି ଆଲୋକ ଓ ବଶ୍ୱାସ ସାହାବାମାନେ ପ୍ରାପ୍ତ କରିଥିଲେ । ଆମର ଯମାତ୍ ଅଲ୍ଲାଃ ତାଲାଙ୍କ ମାର୍ଗରେ ଲୋକମାନଙ୍କର ଉପହାସ ଓ ଶ୍ରାପ, ବ୍ୟଙ୍ଗ ବିଦ୍ରୁପ, କଷ୍ଟ, ଅଶ୍ଳିଳ ଭାଷା ପ୍ରୟୋଗକୁ ସେହିଭଳି ସହ୍ୟ କରିଚାଲିଛନ୍ତି ଯେଉଁଭଳି ଦୁଃଖକଷ୍ଟ ସାହାବାମାନଙ୍କୁ ଅଲ୍ଲାଃ ତାଲାଙ୍କ ମାର୍ଗରେ ଭୋଗିବାକୁ ପଡ଼ିଥିଲା । ସେମାନେ ଅଲ୍ଲାଃ ତାଲାଙ୍କ ସ୍ୱଷ୍ଟ ନିଦର୍ଶନ ଓ ଆକାଶୀୟ ସାହାଯ୍ୟ, ଅନୁକମ୍ପା, ତତ୍ୱଜ୍ଞାନ ମାଧ୍ୟମରେ ପବିତ୍ରତା ପ୍ରାପ୍ତ କରି ଚାଲିଛନ୍ତି । ଯେଉଁଭଳି ସାହାବାମାନେ ପ୍ରାପ୍ତ କରିଥିଲେ । ଉକ୍ତ କଥାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଏବଂ ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ ଯେ, ତତ୍ୱଜ୍ଞାନ ଶିକ୍ଷା ମାଧ୍ୟମରେ ଓ ପବିତ୍ର ଜୀବନ ପ୍ରାପ୍ତ କରିବାକୁ ହେବ । ଅତଏବ ପବିତ୍ର କୁର୍‌ଆନେ୍ କରିମ୍ ଶିକ୍ଷା ଉପରେ ଅନୁଧ୍ୟାନ କରିବା ଉଚିତ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ସେହି ଲୋକମାନଙ୍କ ମଧ୍ୟରୁ ଅର୍ଥାତ ଆମ ଯମାତ୍‌ରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ନମାଜରେ ବିଳାପ କରନ୍ତି, ସଜ୍‌ଦାଃ ର ସ୍ଥାନକୁ ଲୁହ ଦ୍ୱାରା ଭିଜାଇ ଦିଅନ୍ତି । ଯେଉଁଭଳି ସାହାବାମାନେ ସଜ୍‌ଦାଃରେ ବିଳାପ କରୁଥିଲେ ଏବଂ ନିଜ ଲୁହ ଦ୍ୱାରା ନିଜ ସଜଦାଃ ସ୍ଥାନକୁ ଭିଜାଇ ଦେଉଥିଲେ । ଆମ ଯମାତ୍ ର ଅନେକ ଲୋକମାନଙ୍କୁ ସତ୍ୟ ସ୍ୱପ୍ନ, ଓ ଐଶିବାଣୀ ମଧ୍ୟ ହୋଇଥାଏ, ଯେଉଁଭଳି ସତ୍ୟସ୍ୱପ୍ନ ଓ ଐଶିବାଣୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସାହାବାମାନଙ୍କୁ ହୋଇଥିଲା । ଏବଂ ହଜୁର ସ:ଆ:ସଙ୍କ ସାହାବାମାନେ ଅଲ୍ଲାଃଙ୍କ ମାର୍ଗରେ ଯେଭଳି ଧନ ବ୍ୟୟ କରିଥିଲେ ତଥା ଇସ୍‌ଲାମ୍‌ର ଉନ୍ନତି ପାଇଁ ଦାୟିତ୍ୱ ନିର୍ବାହ କରିଥିଲେ ସେହିପରି ଆମ ଯମାତ୍‌ର ଅନେକ ଲୋକ ସ୍ୱଉପାର୍ଜିତ ଧନକୁ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ ପାଇଁ ତାହାଙ୍କ ମାର୍ଗରେ ବ୍ୟୟ କରିଦିଅନ୍ତି । ସାହାବାମାନେ ଯେପରି ନିଜର ମୃତ୍ୟୁକୁ ସ୍ମରଣ ରଖିଥିଲେ ସେହିପରି ଆମ ଯମାତ୍ ଲୋକମାନେ ମଧ୍ୟ ନିଜର ମୃତ୍ୟୁକୁ ସ୍ମରଣ ରଖିଛନ୍ତି । ତେଣୁ ଏହି କଥାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ନିଜର ମୃତ୍ୟୁକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ ଓ ନିଜ ହୃଦୟକୁ କୋମଳ ରଖିବାକୁ ତଥା ଧର୍ମପରାୟଣତା ଅବଲମ୍ବନ କରିବାକୁ ପ୍ରୟାସ କରିବା ଉଚିତ । ଅତଏବ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଉପରୋକ୍ତ ବ୍ୟାଖ୍ୟାରେ ଯେଉଁ ସବୁ କଥା ବର୍ଣ୍ଣନା କଲେ, ସେହି ସମସ୍ତ କଥାକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ଯେ, ସାହାବାମାନଙ୍କର ଜୀବନୀ କିପରି ଥିଲା । ଅଲ୍ଲାଃ ତାଲାଙ୍କର ସେହି ଗୋଷ୍ଠୀକୁ ଅଲ୍ଲାଃ ତାଲା ସ୍ୱୟମ ସମ୍ବରଣ କରିଛନ୍ତି ଏବଂ ଦିନକୁ ଦିନ ଏହି ଗୋଷ୍ଠୀର ଲୋକମାନଙ୍କୁ ପବିତ୍ର କରୁଛନ୍ତି । ଯମାତ୍ ଅହେମଦୀୟାର ହୃଦୟକୁ ବିଶ୍ୱାସର ଆଲୋକରେ ଓ ତତ୍ୱଜ୍ଞାନ ଦ୍ୱାରା ଆଲୋକିତ କରୁଛନ୍ତି ତାହାକୁ ଦେଖି ନିଜର ଆତ୍ମ ସମୀକ୍ଷା କରିବା ଉଚିତ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରୋକ୍ତ କଥାଗୁଡ଼ିକ ଆମମାନଙ୍କ ଭିତରେ ସୃଷ୍ଟି ହେଉଛି କି ନାହିଁ ? ଏବଂ ଆକାଶୀୟ ନିଦର୍ଶନ ଯେଉଁଭଳି ସାହାବାମାନଙ୍କୁ ଆକର୍ଷିତ କରୁଥିଲା ସେହିଭଳି ଆମକୁ ଆକର୍ଷିତ କରୁଛି କି ନାହିଁ ? ଅତଏବ ଉକ୍ତ ଯମାତ୍‌ରେ ଏହି ସମସ୍ତ ନିଦର୍ଶନର ଲକ୍ଷଣ ଦେଖିବାକୁ ମିଳେ, ଯାହା **ଓ୍ୱ ଆଖରିନା ମିନ୍‌ହୁମ ଲମ୍ମା ୟଲ୍‌ହକୁ ବିହିମ୍** ମଧ୍ୟରେ ନିହିତ ଅଛି । ଅତଏବ ଏହା ଅନିବାର୍ଯ୍ୟ ଯେ, ଅଲ୍ଲାଃ ତାଲାଙ୍କ ବାଣୀ ଦିନେ ନା ଦିନେ ନିଶ୍ଚିତ ରୂପେ ପୂରଣ ହେବ" ।

***(ଅୟାମୁସ୍ ସୁଲାହ୍ ରୁହାନୀ ଖଜାଇନ୍, ଖଣ୍ଡ-୧୪, ପୃଷ୍ଠା-୩୦୪-୩୦୭)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି: ଏହା ହେଉଛି ସେହି ଯୁଗ ଯେଉଁ ଯୁଗରେ ଅଲ୍ଲାଃ ତାଲା ଏହି ଇଚ୍ଛା ପ୍ରକାଶ କଲେ ଯେ, ବିଭିନ୍ନ ଜାତିକୁ ଗୋଟିଏ ଜାତିରେ ପରିଣତ କରିଦେବେ ଏବଂ ସେହି ଧାର୍ମିକ କଳହର ପରିସମାପ୍ତି କରିଦେବେ ଏବଂ ସମସ୍ତଙ୍କୁ ଗୋଟିଏ ଜାତିରେ ଏକତ୍ରିତ କରିଦେବେ । ସେହି ଯୁଗ ସମ୍ପର୍କରେ ଯେଉଁ ଯୁଗଟି ସାମୁଦ୍ରିକ ଜୁଆର ପରି ସଂଘର୍ଷ ଓ କଳହର ଯୁଗ ସେ ସମ୍ପର୍କରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି: **ଓ୍ୱ ନୁଫିଖା ଫିସ୍ ସୁରି ଫଜମଅନାହୁମ୍ ଜମ୍‌ଆ (ଅଲ୍‌କହଫ୍:୧୦୦)**ଅର୍ଥାତ ବିଗୁଲ୍ ବଜାଇ ଦିଆଯିବ ଏହାପରେ ଆମ୍ଭେ ସେମାନଙ୍କୁ ଏକତ୍ରିତ କରାଇବୁ ଏହି ପଂକ୍ତିରେ ପ୍ରଥମ ପଂକ୍ତି ସହିତ ମିଶାଇ ଦିଆଗଲା । ଏହି ଅର୍ଥ ଅର୍ଥାତ ମିଶାଇଲେ ଏହି ପଂକ୍ତିକୁ ପ୍ରଥମ ପଂକ୍ତି ସହିତ ମିଶାଇଲେ ଏହି ଅର୍ଥ ଉପନୀତ ହେଉଛି ବା ସ୍ୱଷ୍ଟ ହେଉଛି ଯେ, ଗୋଟିଏ ଯୁଗରେ ପୃଥିବୀରେ ଥିବା ଧର୍ମମାନଙ୍କ ମଧ୍ୟରେ ସଂଘର୍ଷ ଦେଖାଦେବ । ଗୋଟିଏ ଧର୍ମ ଅନ୍ୟ ଧର୍ମ ପ୍ରତି ଅନ୍ୟାୟ ଓ ଅବିଚାର କରିବ ଯେଉଁଭଳି ସମୁଦ୍ରର ଜୁଆର ପରସ୍ପର ଉପରେ ପଡ଼ିଥାଏ ସେହିଭଳି ଧର୍ମ ଦ୍ୱେଷି ବ୍ୟକ୍ତିମାନେ ପରସ୍ପରକୁ ଧ୍ୱସଂ କରିବାକୁ ଉଦ୍ୟମ କରିବେ । ସେତେବେଳେ ଆକାଶ ଓ ପୃଥିବୀର ସୃଷ୍ଟିକର୍ତା ସେହି ସଂଘର୍ଷର ଜୁଆର କାଳରେ ସ୍ୱହସ୍ତରୁ ବିନା କୌଣସି ସାଂସାରିକ ବସ୍ତୁର ସାହାଯ୍ୟ ନେଇ ଏକ ନୂତନ ପରମ୍ପରା ସୃଷ୍ଟି କରିବେ ଏବଂ ସେହି ସମସ୍ତ ଲୋକଙ୍କୁ ଓ ଧର୍ମକୁ ଗୋଟିଏ ଧର୍ମରେ ପରିଣତ କରିବେ ଯେଉଁମାନେ ସାମର୍ଥ୍ୟ ତଥା ସାହାବାମାନଙ୍କ ସହିତ ସାମଞ୍ଜସ୍ୟତା ରକ୍ଷା କରୁଥିବେ । ସେତେବେଳେ ସେହି ଲୋକମାନେ ବୁଝିପାରିବେ ଯେ ଧର୍ମ କଣ ଏବଂ ସେହି ଲୋକମାନଙ୍କ ହୃଦୟରେ ଜୀବନ ଓ ପ୍ରକୃତ ସତ୍ୟତାର ଆତ୍ମା ନିକ୍ଷେପ କରାଯିବ ଏବଂ ଅଲ୍ଲାଃ ତାଲାଙ୍କ ମାରୁଫାତ୍ ଅର୍ଥାତ ବ୍ରହ୍ମଜ୍ଞାନ ସେମାନଙ୍କୁ ପାନ କରିବାକୁ ଦିଆଯିବ । ଅତଏବ ଏହି ପୃଥିବୀଟି ସେପର୍ଯ୍ୟନ୍ତ ଶେଷ ହେବନାହିଁ ଯେ, ପର୍ଯ୍ୟନ୍ତ ପବିତ୍ର କୁର୍‌ଆନ୍‌ର ଉକ୍ତ ପଂକ୍ତି ଅର୍ଥାତ ଭବିଷ୍ୟବାଣୀ ଯାହା ଆଜକୁ ୧୩୦୦ ବର୍ଷ ପୂର୍ବେ କରାଯାଇଥିଲା ଅର୍ଥାତ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ଯାହା କରିଥିଲେ, ତାହା ପୂରଣ ହୋଇଯାଇନାହିଁ । ଶେଷ ଯୁଗରେ ସମସ୍ତ ଧର୍ମ ଗୋଟିଏ ଧର୍ମରେ ପରିଣତ ହେବା ସମ୍ପର୍କରେ ଅଲ୍ଲାଃ ତାଲା କେବଳ ଗୋଟିଏ ନିଦର୍ଶନ ବର୍ଣ୍ଣନା କରିନାହାନ୍ତି ବରଂ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନେ୍ କରିମ୍‌ରେ ଅନେକ ସ୍ଥାନରେ ଏହିଭଳି ନିଦର୍ଶନ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି । ଏହି ସମସ୍ତ ନିଦର୍ଶନ ମଧ୍ୟରେ ଗୋଟିଏ ନିଦର୍ଶନ ହେଉଛି ଏହା କି ସେହି ଯୁଗରେ ନଦୀ ମଧ୍ୟରୁ ଅନେକ କେନାଲ ଖନନ କରି ବାହାର କରାଯିବ । ଯେଉଁ କେନାଲ ମାଧ୍ୟମରେ ଜଳ ସେଚନ ହେବ । ଭୂମି ନିଜର ଗର୍ଭରେ ଥିବା ସମସ୍ତ ଗୁପ୍ତ ଖଣି ଅର୍ଥାତ ଖଣିଜ ପଦାର୍ଥକୁ ବାହାର କରିଦେବ ଏବଂ ଅନେକ ପାର୍ଥିବ ଜ୍ଞାନର ପରିପ୍ରକାଶ ହେବ ଏବଂ ଏପରି ସାଧନମାନ ସୃଷ୍ଟି ହୋଇଯିବ ଯାହାଫଳରେ ବହୁ ସଂଖ୍ୟାରେ ପୁସ୍ତକଗୁଡ଼ିକ ପ୍ରକାଶନ ହେବ । ଅନେକ ସାଧନଗୁଡ଼ିକ ବାହାରି ପଡ଼ିବ ଯେଉଁ ମାଧ୍ୟମ ଗୁଡ଼ିକ ବିନିଯୋଗ କରି ବହୁଳ ପରିମାଣରେ ପୁସ୍ତକ ପ୍ରକାଶିତ ହେବ ସେହି ଯୁଗରେ ଏଭଳି ଏକ ବାହନ ଆବିଷ୍କୃତ ହେବ ଯଦ୍ୱାରା ଓଟ ସମ୍ପୁର୍ଣ୍ଣ ରୂପେ ପରିତ୍ୟକ୍ତ ହେବ ଓ ସେହି ବାହନ ମାଧ୍ୟମରେ ସାକ୍ଷାତ କରିବା ଓ ଅନ୍ୟ ସ୍ଥାନକୁ ଗମନା ଗମନ ଅତି ସହଜ ହୋଇଯିବ । ଯୋଗାଯୋଗ ସହଜ ଓ ସୁଗମ ହୋଇଯିବ । ଲୋକମାନେ ସହଜରେ ଏବଂ ଶିଘ୍ର ଅନ୍ୟ ସ୍ଥାନକୁ ପହଂଚିପାରିବ ଜଣେ ଅନ୍ୟଜଣକୁ ଖବର ପଠାଇବା ସହଜ ହୋଇଯିବ । ସାମ୍ପ୍ରତିକ ଯୁଗରେ ଏ ସବୁ ଆମେ ସ୍ୱଚକ୍ଷୁରେ ଅବଲୋକନ କରୁଛେ । ସେହି ଯୁଗରେ ଗୋଟିଏ ମାସରେ ହିଁ ଆକାଶରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ଦୃଶ୍ୟମାନ ହେବ । ଏହାପରେ ଭୁପୃଷ୍ଠରେ ପ୍ଲେଗ୍ ରୋଗର ପାଦୃଭାବ ବ୍ୟାପିବ । ଏପରି କି ପ୍ଲେଗ ରୋଗ ଦ୍ୱାରା ସମ୍ପୁର୍ଣ୍ଣ ସହର ଓ ଗ୍ରାମ ଜନଶୂନ୍ୟ ହୋଇଯିବ । ଅର୍ଥାତ ପ୍ଲେଗ୍ ରୋଗ ଦ୍ୱାରା ସମ୍ପୁର୍ଣ୍ଣ ଗ୍ରାମ ଓ ସହରରେ ଥିବା ଲକ୍ଷାଧିକ ସଂଖ୍ୟାରେ ଲୋକମାନେ ନିଜର ପ୍ରାଣ ହରାଇବେ, ପ୍ରାଣହାନୀ ଘଟିବ ଯାହା ଫଳରେ ସଂସାର ତଥା ଜଗତ ଜନଶୂନ୍ୟ ହୋଇଯିବ । କେତେକ ବସ୍ତି ସମ୍ପୁର୍ଣ୍ଣରୂପେ ନିଶ୍ଚିହ୍ନ ହୋଇଯିବେ ଏବଂ ଏକ ପକ୍ଷରେ କହିବାକୁ ଗଲେ ସେହି ବସ୍ତି ଉପରେ ଅଲ୍ଲାଃ ତାଲାଙ୍କ କୋପ ଅବତୀର୍ଣ୍ଣ ହେବ ଏବଂ ଏହାପରେ ସେମାନଙ୍କର ଆର୍ତନାଦ ଓ ତ୍ରାହି ଡ଼ାକକୁ ଅଲ୍ଲାଃ ତାଲା ଶୁଣିବେ ଏବଂ ସେମାନଙ୍କୁ ଉକ୍ତ ବିପତିରୁ ଉଦ୍ଧାର କରିବେ । ସେହି ଦିନଗୁଡ଼ିକ ଅଲ୍ଲାଃ ତାଲାଙ୍କ ତରଫରୁ ମହା ବିପତିର ଦିନ ହେବ କାରଣ ଲୋକମାନେ ଅଲ୍ଲାଃ ତାଲାଙ୍କ ନିଦର୍ଶନକୁ ଖଣ୍ଡନ କରିବାରୁ ଅର୍ଥାତ ଅସ୍ୱୀକାର କରିବାରୁ ଅର୍ଥାତ ତାଙ୍କ ପ୍ରେରିତ ଦୂତଙ୍କୁ ଗ୍ରହଣ ନ କରିବା ଯୋଗୁଁ ତାହା ପ୍ରେରଣ କରାଯାଇଥିଲା । ଅର୍ଥାତ ନବୀଙ୍କ ପ୍ରତ୍ୟାଖ୍ୟାନ ଓ ତାହାଙ୍କୁ ମିଥ୍ୟାବାଦୀ ସାବ୍ୟସ୍ତ କରିବାରୁ ସେମାନଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା । ଏହି ସମସ୍ତ ନିଦର୍ଶନଗୁଡ଼ିକ ଏହି ଯୁଗେ. ଯେଉଁ ଯୁଗରେ ଆମେମାନେ ବର୍ତମାନ ଅତିବାହିତ କରୁଛେ, ଉକ୍ତ ନିଦର୍ଶନଗୁଡ଼ିକ ଅକ୍ଷରେ ଅକ୍ଷରେ ଆଜି ପୂରଣ ହୋଇଚାଲିଛି । ବୁଦ୍ଧିମାନ ବ୍ୟକ୍ତି ପାଇଁ ଏହା ସ୍ୱଷ୍ଟ ଓ ଜ୍ୱାଜଲ୍ୟମାନ ମାର୍ଗ କାରଣ ଅଲ୍ଲାଃ ତାଲା ଏଭଳି ସମୟରେ ମତେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କରି ଅବତୀର୍ଣ୍ଣ କଲେ ଯେଉଁ ସମୟରେ ପବିତ୍ର କୁର୍‌ଆନ୍‌ର ଲିଖିତ ସମସ୍ତ ଲକ୍ଷଣ ଓ ନିଦର୍ଶନ ଆବିର୍ଭୁତ ହୋଇସାରିଛି । ***(ଲେକ୍‌ଚର୍ ଲାହୋର୍ ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୧୮୨-୧୮୪)***

ଇତିହାସ ଏହି କଥାର ସାକ୍ଷ୍ୟ ଦେଉଛି ଯେ, ଏହି ସମସ୍ତ କଥା ଓ ନିଦର୍ଶନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ପୂରଣ ହୋଇଛି ଏବଂ ସେହି ନିଦର୍ଶନ ମଧ୍ୟରୁ କେତେକ ଅଦ୍ୟାବଧି ପୂରଣ ହୋଇଚାଲିଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଅଲ୍ଲାଃ ତାଲା ଯେତେବେଳେ ଏହି ସଂସାରକୁ ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ମର୍ତ୍ୟାଲୋକର ନାନାପ୍ରକାର ପାପ, ଅବଜ୍ଞା ଓ ବିଭ୍ରାନ୍ତରେ ଭରପୂର ଥିବା ଦେଖି ମତେ ସତ୍ୟ ପ୍ରଚାର ଓ ସଂସ୍କାର ନିମନ୍ତେ ନିଯୁକ୍ତ କଲେ ଏବଂ ଏହି ଯୁଗଟି ମଧ୍ୟ ସେହିପରି ଥିଲା ଯେତେବେଳେ ଏ ସଂସାରର ଲୋକମାନେ ତ୍ରୟୋଦଶ ଶତାବ୍ଦି ହିଜ୍‌ରୀକୁ ସମାପ୍ତ କରି ଚତୁର୍ଦ୍ଦଶ ଶତାବ୍ଦିରେ ପ୍ରାରମ୍ଭରେ ପହଂଚିଯାଇଥିଲେ । ସେତେବେଳେ ମୁଁ ଅଲ୍ଲାଃ ତାଲାଙ୍କ ଉକ୍ତ ଆଦେଶକୁ ପାଳନ ପୂର୍ବକ ସର୍ବସାଧାରଣରେ ପ୍ରତ୍ରିକାମାନ ପ୍ରକାଶିତ କଲି ଏବଂ ଲେଖା ଓ ଭାଷଣଗୁଡ଼ିକ ଜରିଆରେ ନାଦ କରିବାକୁ ଆରମ୍ଭ କଲି । କାରଣ ଉକ୍ତ ଶତାବ୍ଦିର ପ୍ରାରମ୍ଭରେ ଅଲ୍ଲାଃ ତାଲାଙ୍କ ଧର୍ମ ସଂସ୍କାର ଓ ସଂଶୋଧନ ପାଇଁ ଯେଉଁ ବ୍ୟକ୍ତିଙ୍କ ଆଗମନ ହେବାର ଥିଲା ସେହି ବ୍ୟକ୍ତି ଜଣକ ହେଉଛି ମୁଁ । ଯେଉଁ ବିଶ୍ୱାସ ଭୁପୃଷ୍ଠରୁ ଓ ଲୋକମାନଙ୍କ ହୃଦୟରୁ ନିଶ୍ଚିହ୍ନ ହୋଇଯାଇଥିଲା । ସେହି ବିଶ୍ୱାସକୁ ମୁଁ ପୂନଃ ସ୍ଥାପନ କରିବି ଏବଂ ଅଲ୍ଲାଃ ତାଲାଙ୍କଠାରୁ ଶକ୍ତି ପ୍ରାପ୍ତ କରି ତାଙ୍କରି ହସ୍ତର କର୍ଷଣ ଦ୍ୱାରା ସଂସାରର ସଂଶୋଧନ ଓ ସଂସାରବାସୀଙ୍କୁ ସତ୍ୟତା ଓ ଧର୍ମନିଷ୍ଠତା ଆଡ଼କୁ ଆକର୍ଷିତ କରିବି । ସେହି ବିଶ୍ୱାସହୀନ ବ୍ୟକ୍ତିଙ୍କର ଆସ୍ଥଭିତିକ ଓ

ବିଶ୍ୱାସଭିତିକ ଚାରିତ୍ରିକ ତଥା କର୍ମତ୍ରୁଟିକୁ ଦୂର କରି ତ୍ରୁଟି ମାର୍ଜନା କରିବି । ଯେତେବେଳେ ଏହି କଥାକୁ କିଛି ବର୍ଷ ବିତିଗଲା ସେତେବେଳେ ଅଲ୍ଲାଃ ତାଲା ଶୂନ୍ୟବାଣୀ ମାଧ୍ୟମରେ ମୋ ଉପରେ ସ୍ପଷ୍ଟ କଲେ ଯେ, ସେହି ମସିହି ଯିଏ ଏହି ଉମ୍ମତ (ଅର୍ଥାତ ସମ୍ପ୍ରଦାୟ) ପାଇଁ ପ୍ରତିଶୃତ ମସିହିର ଆଖ୍ୟା ଲାଭ କରିଥିଲା । ସେହି ମସିହି ଯିଏ ଶେଷ ମେହେଦୀ କାଳରେ ମାର୍ଗଭ୍ରଷ୍ଟର ପ୍ରସାର କାଳରେ ଅଲ୍ଲାଃ ତାଲାଙ୍କଠାରୁ ସିଧାସଳଖ ମାର୍ଗଦର୍ଶନ ପ୍ରାପ୍ତ କରି ଆକାଶୀୟ ସାହାଯ୍ୟକୁ ନୂତନ ରୂପେ ମନୁଷ୍ୟମାନଙ୍କ ଆଗରେ ଉପସ୍ଥାପିତ କରିବେ । ବିଧି ନିୟତି କୃତ ବିଧାନ ଅନୁଯାୟି ଯେଉଁ ଶୁଭ ସମ୍ବାଦଟି ଆଜକୁ ୧୩୦୦ ବର୍ଷ ପୂର୍ବେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ପ୍ରଦାନ କରିଥିଲେ । ସେହି ମସିହି ଓ ମେହେଦୀ ହେଉଛି ମୁଁ । ଅଲ୍ଲାଃ ତାଲାଙ୍କ ସହିତ ବାର୍ତାଳାପ ଓ କଥୋପକଥନ ନିରନ୍ତର ଓ ଅବିରତ ଭାବରେ ମୋ ସହିତ ରହିଛି । ଏଥିରେ ସନ୍ଦେହର ଅବକାଶ ନାହିଁ ଅଲ୍ଲାଃ ତାଲା ମୋ ଉପରେ ଯେଉଁ ପ୍ରତ୍ୟେକଟି ଐଶିବାଣୀ କରିଛନ୍ତି ତାହା ଇସ୍ପାତ ଖୁଂଟ ପରି ହୃଦୟରେ ଧସି ପଶିଯାଇଥାଏ ଏବଂ ଚମତ୍କାରିତା ମୂଳକ ଶକ୍ତିର ଚମତ୍କାର ମତେ ଏହି କଥା ସ୍ୱୀକାର କରିବାକୁ ବାଧ କରିଥିଲା ଯେ, ଏହା ସେହି ଅଦ୍ୱିତୀୟ ଓ ସମକକ୍ଷ ବିହୀନ ଈଶ୍ୱରଙ୍କ ବାଣୀ ଯେଉଁ ଈଶ୍ୱରଙ୍କ ବାଣୀ ପବିତ୍ର କୁର୍‌ଆନ୍ ଆକାରରେ ଜାଜ୍ୱଲ୍ୟମାନ ଏବଂ ମୁଁ ଏଠାରେ ତ୍ୱରାତ୍ ଏବଂ ଇଞ୍ଜିଲ୍‌ର ନାମ ତୁଣ୍ଡରେ ଧରୁନାହିଁ କାରଣ ତୌରାତ୍ ଓ ଇଞ୍ଜିଲ୍ ଆଦି ମନୁଷ୍ୟକୃତ ଉକ୍ତିକୁ ଅତିରିକ୍ତ ଭାବରେ ଯୋଡ଼ି ଦିଆଯାଇଛି ଏବଂ ଧର୍ମଗ୍ରନ୍ତର ମୂଳ ଲେଖକୁ ପରିବର୍ତନ କରିଦିଆଯାଇଛି । ତେଣୁ ବର୍ତମାନ ସେହି ଧର୍ମ ଗ୍ରନ୍ଥକୁ ଆଉ ଈଶ୍ୱର କୃତ ଧର୍ମଗ୍ରନ୍ଥ ବୋଲି ଆମେ କହିପାରିବା ନାହିଁ । ଅତଏବ ମୋ ଉପରେ ଯେଉଁ ଐଶିବାଣୀ ଅବତୀର୍ଣ୍ଣ ହୋଇଛି ତାହା ଏଭଳି ବିଶ୍ୱାସମୂଳକ ଓ ସିଦ୍ଧ ସମ୍ପନ୍ନ ଯେଉଁ ଐଶିବାଣୀ ମାଧ୍ୟମରେ ମୁଁ ନିଜର ପ୍ରଭୁଙ୍କୁ ପ୍ରାପ୍ତ କରିଛି ଏବଂ ସେହି ଐଶିବାଣୀ କେବଳ ଆକାଶୀୟ ନିଦର୍ଶନ ମାଧ୍ୟମରେ ପୂର୍ଣ୍ଣ ବିଶ୍ୱାସର ସ୍ତର ପର୍ଯ୍ୟନ୍ତ ପହଂଚିଥିଲା ଏବଂ ପବିତ୍ର କୁର୍‌ଆନ୍‌ରୁ ପ୍ରତ୍ୟେକ ଯେଉଁ ଅଂଶ ଉପସ୍ଥାପିତ ହେଲା ଏବଂ ତଦନୂଯାୟୀ ତାହା ପ୍ରମାଣିତ ହେଲା ଏବଂ ତାହାର ପୃଷ୍ଟି ଆକାଶରୁ ବର୍ଷାଜଳ ପରି ଧାରାବାହିକ ଆକାରରେ ବର୍ଷି ଗଲା । ଏହି ଦିନମାନଙ୍କରେ ରମ୍‌ଜାନ ମାସରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ମଧ୍ୟ ହେଲା ଯେପରି ହଦିସ୍‌ରେ ଉଲ୍ଲେଖ ରହିଛି ମସିହି ଓ ମେହେଦୀଙ୍କ ସମୟରେ ରମ୍‌ଜାନ୍ ମାସରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗର ଦୃଶ୍ୟ ଲୋକମାନେ ଅବଲୋକନ କରିବେ । ସେହି ଦିନମାନଙ୍କରେ ପ୍ଲେଗ୍ ମହାମାରୀର ବହୁଳ ଭାବରେ ପଞ୍ଜାବ ରାଜ୍ୟରେ ପାର୍ଦୁଭାବ ଘଟିବ । ଯେପରି କି ପବିତ୍ର କୁର୍‌ଆନ୍ ସରିଫ୍‌ରେ ସୂଚନା ରହିଛି ଏବଂ ପୂର୍ବ ବାର୍ତାବହକମାନେ ମଧ ଏ ସଂପର୍କରେ ସୂଚନା ପ୍ରଦାନ କରିଯାଇଛନ୍ତି । ଯେ ସେହି ମେହେଦୀଙ୍କ କାଳରେ ବିସମ ପରିସ୍ଥିତି ସୃଷ୍ଟି ହେବ ଏବଂ ମଡ଼କ ଦେଖା ଦେବ । ଏହିପରି ଘଟିବ ଓ କୌଣସି ବସ୍ତି ଗ୍ରାମ ଓ ସହର ଉକ୍ତ ମଡ଼କରୁ ବର୍ହିଭୁତ ରହିବେ ନାହିଁ । ସୁତରାଂ ତାହା ହିଁ ହେଲା ଏବଂ ତାହା ହିଁ ହୋଇ ଚାଲିଛି । ଏହି ଦେଶରେ ଯେଉଁ ପ୍ଲେଗ ରୋଗର ପାଦୁର୍ଭାବ ହେଲା ଅଲ୍ଲାଃ ତାଲା ମତେ ତାହାର ୨୨ ବର୍ଷ ପୂର୍ବେ ଉକ୍ତ ପ୍ଲେଗ ରୋଗ ସଂପର୍କରେ ସୂଚନା ପ୍ରଦାନ କରିଦେଇଥିଲେ ।

*(ତଜକରତୁଶ୍ ଶାହାଦତୈନ୍ ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୩-୪)*

ପୁଣି ନିଜ ଦାବି ସମ୍ପର୍କରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି: ମୁଁ ହେଉଛି ସେହି ବ୍ୟକ୍ତି ଯିଏ ଯଥା ସମୟରେ ପ୍ରକଟିତ ହେଲା । ଯେଉଁ ବ୍ୟକ୍ତି ପାଇଁ ଆକାଶରେ ରମ୍‌ଜାନ ମାସରେ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ଦୃଶ୍ୟମାନ ହେଲା । ହଦିସ୍, ଇଞ୍ଜିଲ୍ ଏବଂ ଅନ୍ୟ ନବୀଙ୍କ ଭବିଷ୍ୟତବାଣୀ ଅନୁଯାୟୀ ସୂର୍ଯ୍ୟଗ୍ରହଣ ଓ ଚନ୍ଦ୍ରପରାଗ ଦୃଶ୍ୟମାନ ହେଲା । ମୁଁ ହେଉଛି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତିର ଯୁଗରେ ସମସ୍ତ ନବୀମାନଙ୍କର ଭବିଷ୍ୟବାଣୀ ଓ ପବିତ୍ର କୁର୍‌ଆନ୍‌ର ଭବିଷ୍ୟବାଣୀ ଅନୁଯାୟୀ ଏହି ଦେଶରେ ଈଶ୍ୱରଙ୍କ ଇଚ୍ଛା ମୁତାବକ ପ୍ଲେଗ ମହାମାରୀ ପରିବ୍ୟାପ୍ତ ହେଲା ଏବଂ ମୁଁ ହେଉଛି ସେହି ବ୍ୟକ୍ତି ଯାହାକୁ ହଦିସ୍ ଅନୁଯାୟୀ ହଜ୍ ତୀର୍ଥରୁ ରୋକା ଯାଇଥିଲା । ମୁଁ ହେଉଛି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତିର ଯୁଗରେ ସେହି ତାରକା ଆବିର୍ଭୂତ ହୋଇଥିଲା । ଯେଉଁ ତାରକା ହଜ୍‌ରତ୍ ମରିୟମ ନନ୍ଦନ ଯୀଶୁଙ୍କ ସମୟରେ ଆବିର୍ଭୁତ ହୋଇଥିଲା । ମୁଁ ହେଉଛି ସେହି ବ୍ୟକ୍ତି ଯେଉଁ ବ୍ୟକ୍ତି ସମୟରେ ଏହି ଭାରତ ପବିତ୍ର ଭୂମିରେ ରେଳ ଚଳାଚଳ ଆରମ୍ଭ ହେଲା ଫଳରେ ଓଟ ପରିତ୍ୟକ୍ତ ହୋଇଗଲା । ସେହି ସମୟଟି ଅତି ନିକଟବର୍ତୀ ଯେତେବେଳେ ମକ୍କା ମଦିନା ମଧ୍ୟରେ ରେଳ ଚଳାଚଳ ହେବ ଏବଂ ସେଠାକାର ସମସ୍ତ ଓଟ ପରିତ୍ୟକ୍ତ ହୋଇଯିବେ । ପ୍ରଥମେ ସେଠାକୁ ଯିବା ନିମନ୍ତେ ସଡ଼କ ପଥ ଥିଲା କିନ୍ତୁ ବର୍ତମାନ ସେଠାରେ ରେଳ ଚଳାଚଳ ତଥା ଅନ୍ୟାନ୍ୟ ଗମନାଗମନର ସୁବିଧା ଉପଲବ୍ଧ ରହିଛି । ଅର୍ଥାତ ହଜ୍ ପାଇଁ ୧୩୦୦ ବର୍ଷ ପୂର୍ବେ ଓଟର ସାହାଯ୍ୟ ନିଆଯାଉଥିଲା ଏବଂ ହଜ୍ ତୀର୍ଥରେ ଓଟକୁ ପବିତ୍ର ଜୀବର ଆଖ୍ୟା ଦିଆଯାଉଥିଲା ସେହି ଜୀବକୁ ବର୍ତମାନ ପରିତ୍ୟକ୍ତ ଜୀବ କରି ଦିଆଯାଇଛି । ସେତେବେଳେ ସହି ମୁସ୍‌ଲିମ୍‌ରେ ଓଟ ସମ୍ପର୍କରେ ଯେଉଁ ହଦିସ୍ ବର୍ଣ୍ଣିତ ରହିଛି ତାହାର ଚରିତାର୍ଥ ହେବ ଏବଂ ତାହାର ପୃଷ୍ଟି ମଧ୍ୟ ହେବ ତାହା ହେଉଛି ଏହା କି **ଲୟୁତ୍‌ରକନ୍ନଲ୍ କିଲାସୁ ଫଲା ୟୁସ୍‌ଆ ଆଲୈହା** ଅର୍ଥାତ ମସିହ୍ ଏବଂ ମେହେଦୀଙ୍କ ସମୟରେ ଓଟ ପରିତ୍ୟକ୍ତ ହୋଇଯିବେ ଏବଂ କୌଣସି ବ୍ୟକ୍ତି ଓଟ ଉପରେ ଆରୋହଣ ହୋଇ ଯାତ୍ରା କରିବେ ନାହିଁ ।ସେହିପରି ମୁଁ ହେଉଛି ସେହି ବ୍ୟକ୍ତି ଯେଉଁବ୍ୟକ୍ତି ସପକ୍ଷରେ ଶତାଧିକ ନିଦର୍ଶନ ପ୍ରକାଶିତ ହୋଇଛି । କ'ଣ ଭୁପୃଷ୍ଟରେ ମୋ ପରି କୌଣସି ବ୍ୟକ୍ତି ଅଛି ଯିଏ ନିଦର୍ଶନ ପଦର୍ଶନ କରିବାରେ ମୋ ସହିତ ମୁକାବିଲା କରିପାରିବ ଏବଂ ମତେ ପରାଜିତ କରିପାରିବ ? ମୁଁ ସେହି ପରମେଶ୍ୱରଙ୍କ ରାଣ ଖାଇ କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି କି ବର୍ତମାନ ସୁଦ୍ଧା ମୋ ହସ୍ତରେ ଦୁଇଲକ୍ଷରୁ ଉର୍ଦ୍ଧ ନିଦର୍ଶନ ପ୍ରକାଶ୍ୟ ହୋଇଅଛି ଏବଂ ପ୍ରାୟ ଦଶ ହଜାରରୁ ଅଧିକ ହେବ ଅଥବା ତାହାଠାରୁ ବି ଅଧିକ ଥର ଲୋକମାନେ ହଜୁର ସ:ଆସଙ୍କୁ ସ୍ୱପ୍ନରେ ଦେଖି ମୋର ପୁଷ୍ଟି କରିଛନ୍ତି ଏବଂ ଏହି ଦେଶରେ ଏପରି ନାମିଦାମି ଅହ୍‌ଲେ କଶଫ୍ (ଜାଗ୍ରତ ଅବସ୍ଥାରେ ସଚ୍ଚା ସ୍ୱପ୍ନ ଦେଖୁଥିବା ବ୍ୟକ୍ତି) ଥିଲେ, ଯେଉଁମାନଙ୍କର ତିନି ଚାରିଲକ୍ଷ ପର୍ଯ୍ୟନ୍ତ ଶିଷ୍ୟ ଥିଲେ, ସେମାନଙ୍କୁ ସ୍ୱପ୍ନରେ ଦେଖାଇ ଦିଆଗଲା ଯେ ଏହି ଲୋକଟି (ଅର୍ଥାତ ମୁଁ) ଈଶ୍ୱରଙ୍କ ତରଫରୁ ଆସିଛନ୍ତି ଏବଂ ସେହି ଲୋକମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଏଭଳି ଥିଲେ ଯେଉଁମାନଙ୍କର ମୃତ୍ୟୁ ମୋ ଅଭିଷେକର ୩୦ ବର୍ଷ ପୂର୍ବେ ହୋଇସାରିଥିଲା । ଯେପରି ଗୁଲାବ୍ ସାହା ନାମକ ଜଣେ ବ୍ୟକ୍ତି ଯିଏ ଲୁଧିଆନା ଜିଲ୍ଲାର ଅଧିବାସୀ ଥିଲେ ସେ ମିଆଁ କରିମ୍ ବଖ୍‌ଶ୍ ସାହେବଙ୍କୁ ସୁଚିତ କରିଥିଲେ ଯେ, ଇସା କାଦିଆନ୍‌ରେ ଜନ୍ମ ଗ୍ରହଣ କରିବେ ଏବଂ ଲୁଧିଆନାକୁ ଆସିବେ ସ୍ୱର୍ଗତ ମିଆଁ କରିମ୍ ବଖ୍‌ଶ୍ ସାହେବ ଜଣେ ପୂଣ୍ୟବାନ ଏବଂ ସଦାଚାରୀ ଗୁରୁଜନ ବ୍ୟକ୍ତି ଥିଲେ ସେ ମତେ ଲୁଧିଆନାରେ ସାକ୍ଷାତ କଲେ ଏବଂ ସମସ୍ତ ଭବିଷ୍ୟବାଣୀ ସମ୍ପର୍କିତ ବୃତାନ୍ତ ମତେ ଶୁଣାଇଲେ ଏବଂ ଅବଗତ କଲେ ତେଣୁ ମୌଲବୀମାନେ ତାଙ୍କୁ ବହୁତ ନିର୍ଯ୍ୟାତନା ଓ କଷ୍ଟ ଦେଇଥିଲେ ସେ କିନ୍ତୁ ତାହାର ଭ୍ରୁକ୍ଷେପ ନ କରି ମତେ କହିଲେ, ଗୁଲାବ୍ ଶାହା ତାଙ୍କୁ କହିଥିଲେ ଯେ, ଇସା ଆ:ସ ଜୀବିତ ନାହାନ୍ତି ତାଙ୍କର ମୃତ୍ୟୁ ଘଟିଯାଇଛି । ସେ ଆଉ ସଂସାରକୁ ଫେରିବେ ନାହିଁ । ଏହି ସମ୍ପ୍ରଦାୟ ପାଇଁ ମିର୍ଜା ଗୁଲାମ୍ ଅହେମଦ୍ ଆ:ସ ଇସା ଅଟନ୍ତି । ଯାହାଙ୍କୁ ଅଲ୍ଲାଃ ତାଲା ସାମର୍ଥ୍ୟ କରି ଇସା ଆ:ସଙ୍କ ସହିତ ସାମଞ୍ଜସ୍ୟତା ପ୍ରଦାନ କରିଛନ୍ତି ଏବଂ ଆକାଶରେ ତାଙ୍କର ନାମ ଇସା ରଖିଛନ୍ତି । ଗୁଲାବ୍ ଶାହା କହିଲେ, ହେ କରିମ୍ ବଖ୍‌ଶ୍ ! ଯେତେବେଳେ ସେହି ଇସା ଆବିର୍ଭୂତ ହେବେ ସେତେବେଳେ ତୁମେ ଦେଖିବ ଯେ, ମୌଲବୀମାନେ କିଭଳି ତାଙ୍କର ବିରୋଧ କରିବେ ସେମାନେ ଅବଶ୍ୟ ମସିହଙ୍କ ଘୋର ବିରୋଧ କରିବେ କିନ୍ତୁ ସେମାନେ ନିଜର ସମସ୍ତ ଷଡ଼ଯନ୍ତ୍ରରେ ବିଫଳ ଓ ଅକୃତକାର୍ଯ୍ୟ ହେବେ । ସେହି ମୌଲବୀମାନେ ଆଜି ପର୍ଯ୍ୟନ୍ତ ବିଫଳ ଓ ପରାଜିତ ରହିଛନ୍ତି । ସେହି ମସିହ୍ ଏଥିଯୋଗୁଁ ଦୁନିଆରେ ପ୍ରକଟ ହେବେ ଯେ ପବିତ୍ର କୁର୍‌ଆନ୍ କରିମ୍‌ରେ ଯେଉଁ ସବୁ ମିଥ୍ୟା ହାଶିୟା ଗୁଡ଼ିକୁ ଚଢ଼ାଇ ଦିଆଯାଇଅଛି ତାହାକୁ ସେ ଦୂର କରିବେ ଏବଂ ପବିତ୍ର କୁର୍‌ଆନ୍‌ର ପ୍ରକୃତ ମର୍ମକୁ ସେ ସଂସାରବାସୀଙ୍କ ନିକଟରେ ଉପସ୍ଥାପନ କରିବେ । ଉକ୍ତ ଭବିଷ୍ୟବାଣୀରେ ସେହି ସାଧୁ ବ୍ୟକ୍ତି ସ୍ପଷ୍ଟ ଭାବରେ ଇଙ୍ଗିତ କରିଲେ ଯେ, ତୁମେ (ଅର୍ଥାତ କରିମ୍ ବଖଶ୍) ଏଭଳି ବୟସ ପ୍ରାପ୍ତ କରିବ ଯେ, ଇସା ଆ:ସଙ୍କୁ ଦେଖିନେବେ”

*(ତଜକରତୁଶ୍ ଶାହାଦତୈନ୍ ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୩୫-୩୭)*

ଅର୍ଥାତ ସେହି ପେଶ୍‌ଗୋଇ ତାଙ୍କର ସେହି ଶିଷ୍ୟର ବୟସ ସମ୍ବନ୍ଧରେ ଥିଲା ଯେ, ସେ ସେପର୍ଯ୍ୟନ୍ତ ମୃତ୍ୟୁବରଣ କରିବେ ନାହିଁ ଯେପର୍ଯ୍ୟନ୍ତ ସେ ଇସା ଅର୍ଥାତ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ସ୍ୱଚକ୍ଷୁରେ ଦେଖି ନେଇନାହାନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି ମନେରଖ ଅଲ୍ଲାଃ ତାଲାଙ୍କ ନାମ ଗଫୁର୍ ଅର୍ଥାତ କ୍ଷମା ପ୍ରଦାନକାରୀ କଣ ସେ ପ୍ରତ୍ୟାବର୍ତନକାରୀଙ୍କୁ କ୍ଷମା ପ୍ରଦାନ କରିବେ ନାହିଁ ? ଏହି ପ୍ରକାର ଅନେକ ଭୂଲ ଏ ସମ୍ପ୍ରଦାୟରେ ହୋଇଅଛି । ସେହି ଭ୍ରାନ୍ତ ଧାରଣା ମଧ୍ୟରୁ ଗୋଟିଏ ଭୂଲ ହେଉଛି ଜିହାଦ୍‌ର ତ୍ରୁଟି ଅନ୍ୟତମ ମତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଯେତେବେଳେ ମୁଁ କହିଥାଏ ଯେ, ଜିହାଦ୍ କରିବା ଅବୈଧ୍ୟ ସେତେବେଳେ ଏହି ବିରୋଧି ମୌଲବୀମାନେ ନିଜର ଚକ୍ଷୁକୁ ନାଲି କରିଦିଅନ୍ତି ଅର୍ଥାତ ମତେ ନାଲି ଆଖି ଦେଖାନ୍ତି ସେମାନେ ସ୍ୱୟମ ଏହା ସ୍ୱୀକାର କରନ୍ତି ଯେ, ଯେଉଁ ହଦିସଗୁଡ଼ିକ ଖୁନି ମେହେଦୀ ସମ୍ପର୍କିତ ତାହା ଭୟଙ୍କର ଅଟେ । ମୌଲବୀ ମୁହମ୍ମଦ ହୁସୈନ୍ ବଟାଲୁଭି ଏହି ବିଷୟବସ୍ତୁ ଉପରେ ଆଧାରିତ ନିଜର ପତ୍ରିକାମାନ ମଧ୍ୟ ଉଲ୍ଲେଖ କରିଛନ୍ତି । ସେ ହଦିସ୍‌ର ଭୟଙ୍କର ହେବା ସମ୍ପର୍କରେ ସ୍ୱୀକାର ମଧ କରିଛନ୍ତି ଏବଂ ଏହି ମତାମତ ମିଆଁ ନଜିର୍ ହୁସୈନ୍ ଦେହ୍‌ଲୁଭିଙ୍କର ମଧ ରହିଥିଲା । ଆଜି କାଲି କେତେକ ବିଦ୍ୱାନ ମନିଷୀମାନେ ଏହା କହିବାକୁ ଲାଗିଲେଣି ଯେ, ସେହି ହଦିସ୍‌ଗୁଡ଼ିକ ସଠିକ୍ ନୁହେଁ । ତାହେଲେ ମତେ କାହିଁକି ମିଥ୍ୟାବାଦୀ ବୋଲି ଅଭିହିତ କରାଯାଏ । ସତ୍ୟ ଏହା ହିଁ ଯେ, ମସିହି ଓ ମେହେଦୀଙ୍କର ଏହି ଦାୟିତ୍ୱ ରହିଛି ଯେ, ସେ ଯୁଦ୍ଧର ପରମ୍ପରାକୁ ବନ୍ଦ କରିବେ ଅର୍ଥାତ ଯୁଦ୍ଧ ବିରାମ ଘୋଷଣା କରିବେ ଏବଂ କଲମ, ଦୁଆ ଓ ଧ୍ୟାନ ଦ୍ୱାରା ଇସ୍‌ଲାମ୍‌କୁ ଜୟଯୁକ୍ତ କରାଇବେ । ଅତଏବ ଏହି କଲମ, ଦୁଆ ଓ ଧ୍ୟାନର ଯୁଦ୍ଧ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନୁଗାମୀ ଓ ଯମାତ୍‌ର ଲୋକମାନେ ବହନ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ଦୁଃଖ ଓ ପରିତାପର ବିଷୟ ଲୋକମାନେ ଏହି କଥାକୁ ବୁଝି ପାରୁନାହାନ୍ତି କାରଣ ଲୋକମାନଙ୍କର ଧ୍ୟାନ ଯେଉଁଭଳି ସଂସାର ପ୍ରତି ରହିଛି ସେହି ଭଳି ଆଶକ୍ତତା ଧର୍ମ ପ୍ରତି ଆଉନାହିଁ । ବରଂ ଲୋକମାନଙ୍କ ମନରେ ଧର୍ମ ପ୍ରତି ବିତୃଷ୍ଣା ଭାବ ରହିଯାଇଛି ବା ଆସିଯାଇଛି । ଆମମାନଙ୍କୁ ମଧ୍ୟ ନିଜ ଅବସ୍ଥାର ନିରୀକ୍ଷଣ ଓ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି । ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପରେ ଆମମାନଙ୍କର ଧ୍ୟାନ ସାଂସାରିକ ମୋହମାୟା ପ୍ରତି ଆଶକ୍ତ ହୋଇଯାଇ ନାହିଁ ତ' ? ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି: ସାଂସାରିକ କଳୁଶତା ଓ ଅପବିତ୍ରତାରେ ଗ୍ରସିତ ତଥା ଆଶସକ୍ତ ହୋଇ ଏହା କିପରି ଆଶା ବାନ୍ଧିପାରିବ ଯେ, ସେହି ଲୋକମାନଙ୍କ ଉପରେ ପବିତ୍ର କୁର୍‌ଆନେ କରିମ୍‌ର ଗୂଢ଼

ରହସ୍ୟ ଓ ତତ୍ୱଜ୍ଞାନ ପରିପ୍ରକାଶ ହେବ ବା ଉନ୍ମଚିତ ହେବ ବରଂ କୁରଆନ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି । **ଲା ୟମସ୍‌ସୁହୁ ଇଲ୍ଲଲ୍ ମୁତହହର୍ରୁନ୍ ।** ଅର୍ଥାତ ଉକ୍ତ କଥାକୁ ସହୃଦୟର ସହିତ ଶୁଣ ଯେ ମୋ ଅବତୀର୍ଣ୍ଣ ହେବାର ପ୍ରକୃତ ଅଭିପ୍ରାୟ କଣ ? ମୋର ଆଗମନର ଉଦ୍ଦେଶ୍ୟ କେବଳ ଇସ୍‌ଲାମ୍‌ର ନବୀକରଣ, ସଂଶୋଧନ ଓ ସୁଧାର କରିବା ଅଟେ । ତହିଁରୁ ଏହା ବୁଝିବା ଅନୁଚିତ ଯେ, ମୁଁ ଏଥିପାଇଁ ଆଗମନ କରିଛି ଯେ, ମୁଁ ନୂତନ ଧର୍ମ ବିଧାନ ପ୍ରଚଳନ କରିବି ଅଥବା କୌଣସି ନୂତନ ଧର୍ମ ପୁସ୍ତକ ଘେନି ଆଣିବି ତାହା କଦାପି ନୁହଁ । ତେଣୁ ଯଦି କୌଣସି ବ୍ୟକ୍ତି ଏଭଳି ଚିନ୍ତାଧାରା ପୋଷଣ କରିଥାଏ ତେବେ ସେ ମୋ ନିକଟରେ ମାର୍ଗଭ୍ରଷ୍ଟ ଓ ବିଧର୍ମୀ ବ୍ୟକ୍ତି । ହଜୁର ସ:ଆ:ସଙ୍କ ଧର୍ମ ବିଧାନ ଏବଂ ଅବତାରତ୍ୱ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅଭ୍ୟାହତ ରହିବ ତାହାର କୌଣସି ବ୍ୟକ୍ତି ଖଣ୍ଡନ କରିପାରିବେ ନାହିଁ ବର୍ତମାନ ନୂତନ କୌଣସି ଧର୍ମ ବିଧାନ ଆଉ ଆସିପାରିବ ନାହିଁ କାରଣ ପବିତ୍ର କୁରଆନ୍ ହିଁ ଖାତ୍‌ମୁଲ୍ କୁତୁବ୍ ଅର୍ଥାତ ଶ୍ରେଷ୍ଠ ଧର୍ମଗ୍ରନ୍ଥ । ତହିଁରେ ବର୍ତମାନ ଗୋଟିଏ ବିନ୍ଦୁ କିମ୍ୱା ଗୋଟିଏ ଅକ୍ଷର କମ୍ କରିବାର ବା ଅତିରିକ୍ତ କରିବାର ଅବକାଶ ନାହିଁ । ହଁ ଏକଥା ସତ୍ୟ ଯେ, ନବୀ କରିମ୍ ସ:ଆ:ସଙ୍କ କଲ୍ୟାଣ, ଯଶ, ପବିତ୍ର କୁର୍‌ଆନ୍‌ର ଶିକ୍ଷା ଓ ମାର୍ଗଦର୍ଶନର ଫଳସ୍ରୁତିର ଅବସାନ ଘଟିନାହିଁ । ତାହା ପ୍ରତ୍ୟେକ ଯୁଗରେ ଓ ଚୀରକାଳ ପର୍ଯ୍ୟନ୍ତ ସତେଜ ଓ ଅଭ୍ୟାହତ ରହିବ । ଏହି ଯଶ ଓ କଲ୍ୟାଣର ପ୍ରମାଣ ପାଇଁ ଅଲ୍ଲାଃ ତାଲା ମତେ ଛିଡ଼ା କରିଛନ୍ତି । ବର୍ତମାନ ଇସ୍‌ଲାମର ଯେଉଁ ଅବସ୍ଥା ରହିଛି ତାହା ଅନ୍ୟମାନଙ୍କ ଆଗରେ ଗୁପ୍ତ ଓ ଅଗୋଚର ହୋଇ ରହିନାହିଁ । ସର୍ବସମତ କ୍ରମେ ଏହା ସ୍ୱୀକୃତ ଯେ, ପ୍ରତ୍ୟେକ ପ୍ରକାର ଦୂର୍ବଳତା ଓ ଅଧୋଗତିର ସରବ୍ୟ ମୁସଲମାନମାନେ ହିଁ ମୁଣ୍ଡେଇଛନ୍ତି । ସେମାନେ ପ୍ରତ୍ୟେକ ଦୃଷ୍ଟିକୋଣରୁ ନିମ୍ନମୁଖୀର ଓ ଅଧପତନ ର ଶିକାର ହୋଇଛନ୍ତି । ବରଂ ଆଜିକାଲି ଆମେମାନେ ଏହାଠୁ ବି ଅଧିକ ମୁସଲମାନମାନଙ୍କର ଦୁର୍ଦ୍ଦଶାକୁ ପରିଲକ୍ଷିତ କରୁଅଛେ । ମୁସଲମାନମାନଙ୍କର ତୁଣ୍ଡ ସାଥିରେ ଅଛି ହେଲେ ମନ ସାଥିରେ ନାହିଁ ଯଦ୍ୱାରା ଇସଲାମ ଅନାଥ ଓ ଅବହେଳିତ ହୋଇପଡ଼ିଛି । ଅଲ୍ଲାଃ ତାଲା ମତେ ଏଭଳି ସମୟରେ ପ୍ରେରଣ କରିଛନ୍ତି ଯେ, ମୁଁ ତାଙ୍କର ସମର୍ଥନ ଓ ତତ୍ୱବଧାରକତ୍ୱ ଗ୍ରହଣ କରିବି ଏବଂ ସେ ମତେ ନିଜର ପ୍ରତିଶୃତି ଅନୁଯାୟୀ ପ୍ରେରଣ କରିଛନ୍ତି କାରଣ ଅଲ୍ଲାଃ ତାଲା କୁହନ୍ତି: **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନା (ଅଲ୍‌ହିଜ୍‌ର:୧୦)** ଅର୍ଥାତ ବାସ୍ତବପକ୍ଷେ ଆମ୍ଭେ ହିଁ ଏହି ପବିତ୍ର କୁର୍‌ଆନ୍‌କୁ ଅବତୀର୍ଣ୍ଣ କରିଛୁ ଏବଂ ଆମେ ହିଁ ନିଶ୍ଚୟ ଏହାର ସରଂକ୍ଷଣ କରିବୁ । ଯଦି ବର୍ତମାନ ସାହାଯ୍ୟ ଓ ସମର୍ଥନ ତଥା ସଂରକ୍ଷଣ କରାଯାଇନଥାନ୍ତା ତାହେଲେ ଆଉ କେଉଁ ସମୟଟି ଆସିବ ଯେଉଁ ସମୟରେ ଏହା ସମ୍ପାଦିତ ହୋଇଥାଆନ୍ତା । ବର୍ତମାନ ଏହି ଚତୁର୍ଦ୍ଦଶ ଶତାବ୍ଦିରେ ସେହି ଭଳି ପରିସ୍ଥିତି ଉପୁଜିଛି ଯେଉଁଭଳି ପରିସ୍ଥିତି ବଦର ଯୁଦ୍ଧରେ ଉପୁଜି ଥିଲା ସେହି ପରିସ୍ଥିତି ସମ୍ପର୍କରେ ଅଲ୍ଲାଃ ତାଲା ପବିତ୍ର କୁରଆନ୍‌ରେ କୁହନ୍ତି: **ୱଲକଦ୍ ନସରକୁମୁଲ୍ଲାହୁ ବିବଦ୍‌ରିନ୍ ୱ ଅନ୍‌ତୁମ୍ ଅଜିଲ୍ଲତୁନ୍ (ଆଲେ ଇମ୍‌ରାନ୍:୧୨୪)** ଅର୍ଥାତ ବଦର ଯୁଦ୍ଧ କ୍ଷେତ୍ରରେ ଯେତେବେଳେ କି ତୁମେମାନେ ନଗଣ୍ୟ ସଂଖ୍ୟକ ଥିଲ ସେତେବେଳେ ଅଲ୍ଲାଃ ତାଲା ବାସ୍ତବରେ ତୁମମାନଙ୍କୁ ସାହାଯ୍ୟ କରିଥିଲେ । ଉକ୍ତ ଆୟତରେ ମଧ୍ୟ ବାସ୍ତବରେ ଏକ ଭବିଷ୍ୟବାଣୀ କେନ୍ଦ୍ରିତ ଥିଲା । ଅର୍ଥାତ ଯେତେବେଳେ ଚତୁର୍ଦ୍ଦଶ ଶତାବ୍ଦିରେ ଇସ୍‌ଲାମ୍ ଦୁର୍ବଳ ଓ ଅସହାୟ ହୋଇପଡ଼ିବ ସେତେବେଳେ ଅଲ୍ଲାଃ ତାଲା ନିଜର ପ୍ରତିଶୃତି ଅନୁଯାୟୀ ଅର୍ଥାତ ସଂରକ୍ଷଣ କରିବାର ପ୍ରତିଶୃତି ଅନୁଯାୟୀ ଇସ୍‌ଲାମ୍‌ର ଉଦ୍ଧାର କରିବେ ପୁଣି ଏଥିରେ ତୁମେମାନେ କାହିଁକି ଆଶ୍ଚର୍ଯ୍ୟ ଚକିତ ହୋଇପଡୁଛ ଯେ, ଅଲ୍ଲାଃ ତାଲା ଇସ୍‌ଲାମ୍‌ର ଉଦ୍ଧାର କାହିଁକି କଲେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ ନିଜ ଶତୃ ଓ ବିରୋଧିମାନଙ୍କ ବିକୃତ ମାନସିକତା ଓ କୁଧାରଣାର ଚର୍ଚ୍ଚା କରି କୁହନ୍ତି: ମୁଁ ଏହି କଥା ଯୋଗୁଁ ଦୁଃଖିତ ହେଉନାହିଁ ଯେ ମୋର ନାମ ଦଜ୍ଜାଲ୍ ଓ କଜାବ ଅର୍ଥାତ ଘୋର ମିଥ୍ୟାବାଦି ଓ ପ୍ରବଞ୍ଚକ ରଖାଯାଉଛି, ମୋ ଉପରେ ନାନାପ୍ରକାର ଲାଞ୍ଛନା ଓ ଅପବାଦ ଲଗାଯାଉଛି ବରଂ ଏହା ଆବଶ୍ୟକ ଥିଲା କାରଣ ମୋ ସହିତ ମଧ୍ୟ ସେହିଭଳି ବ୍ୟବହାର ପ୍ରଦର୍ଶନ ରହିବା ଅନିବାର୍ଯ୍ୟ ଥିଲା ଯେଉଁ ଭଳି ବ୍ୟବହାର ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରେରିତ ନବୀମାନଙ୍କ ସହିତ ହୋଇଥାଏ କାରଣ ଏପରି ହେବା ଦ୍ୱାରା ମୁଁ ମଧ୍ୟ ପୁରୁଣା ବିଦ୍ଧିରୁ ଅଂଶିଦାର ହୋଇପାରିବି ।ଯେଉଁଭଳି ଦୁଃଖକଷ୍ଟ ତଥା ଯନ୍ତ୍ରଣାର ସମ୍ମୁଖିନ ଆମ ପ୍ରୀୟ ନବୀ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ସହ୍ୟ କରିଛନ୍ତି । ମୁଁ ସେହି ସବୁ ଦୁଃଖ କଷ୍ଟ ଓ ବିପତିର ସମ୍ମୁଖିନ ହୋଇନାହିଁ କାରଣ ଅମ୍ବିୟା ଆ:ସଙ୍କ କ୍ଷେତ୍ରରେ ଯେଉଁଭଳି ଦୁଃଖ କଷ୍ଟ ହଜୁର ସ:ଆ:ସ ସହ୍ୟ କରିଛନ୍ତି ବୋଧ ହୁଏ ସେଭଳି ଦୁଃଖ କଷ୍ଟ ବା ଯନ୍ତ୍ରଣା ଅନ୍ୟ କୌଣସି ନବୀ ସହ୍ୟ କରିନଥିବେ । ଅତଏବ ଯେଉଁଭଳି ଦୁଃଖ କଷ୍ଟ ହଜୁର ସ:ଆ:ସ ଇସ୍‌ଲାମ୍ ପାଇଁ ସହ୍ୟ କରିଥିଲେ ତାହାକୁ କଲମ ମୂନରେ ବର୍ଣ୍ଣନା କରିବା ମୋ ପ୍ରତି ଦୁରୁହ ବ୍ୟାପାର । ତହିଁରୁ ଏହା ଜଣେ ପଡ଼େ ଯେ ହଜୁର ସ:ଆ:ସ କିପରି ମହାନ୍, ଉଦାର ଓ ଲକ୍ଷ୍ୟବାଦି ନବୀ ଥିଲେ । ଯଦି ଅଲ୍ଲାଃ ତାଲାଙ୍କର ସମର୍ଥନ ହଜୁର ସ:ଆ:ସଙ୍କ ସହିତ ନଥାନ୍ତା ତାହେଲେ ସେହି ମହା ଦୁଃଖ ରୂପକ ପର୍ବତକୁ ବହନ କରିବା ଅସମ୍ଭବ ହୋଇପଡ଼ିଥାନ୍ତା ଏବଂ ହଜୁର ସ:ଆ:ସଙ୍କ ପରିବର୍ତେ ଯଦି ଅନ୍ୟ କୌଣସି ନବୀ ହୋଇଥାନ୍ତେ ତାହେଲେ ସେ ମଧ୍ୟ ଏପରି କରିବାକୁ ଅକ୍ଷମ ଓ ଅସମର୍ଥ ହୋଇଥାନ୍ତେ । କିନ୍ତୁ ହଜୁର ସ:ଆ:ସ ଇସ୍‌ଲାମ୍‌ର ଏଭଳି ବିପତି ସମୟରେ ଯେଉଁଭଳି ଦୁଃଖକଷ୍ଟର ସହିତ ପ୍ରଚାର ପ୍ରସାର କରିଥିଲେ ତାହାର ଅବସ୍ଥା ବର୍ତମାନ ସୋଚନୀୟ ହୋଇପଡ଼ିଛି । ସେହି ଅବସ୍ଥା ସମ୍ପର୍କରେ ମୁଁ କ'ଣ ବା ବର୍ଣ୍ଣନା କରିପାରିବି ?

***(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୨୭୯-୨୮୦)***

ମୁସଲମାନମାନେ ଆଜି ଇସ୍‌ଲାମ୍‌ର ଯେଉଁ ଅବସ୍ଥା କରିଛନ୍ତି ଏବଂ ଆଗମନକାରୀ ଯିଏ ଧର୍ମ ସଂଶୋଧନକାରୀ ଅଟନ୍ତି ତାଙ୍କୁ ଏମାନେ କଦାପି ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି: ମୁଁ ନିଜର ଲେଖନୀ ମାଧ୍ୟମରେ ସମ୍ପୂର୍ଣ୍ଣରୂପେ ଏହି ପଦ୍ଧତିକୁ ଅନୁସରଣ ତଥା ଉପସ୍ଥାପିତ କରିଛି ଯେଉଁ ପଦ୍ଧତି ମାଧ୍ୟମରେ ଇସ୍‌ଲାମ୍ ଧର୍ମ ସାଫଲ୍ୟ ମଣ୍ଡିତ ହୋଇପାରିବ ଏବଂ ଅନ୍ୟ ଧର୍ମ ଉପରେ ବିଜୟ ଲାଭ କରିବ । ମୋର ପ୍ରତ୍ରିକାମାନ ଆମେରିକ ଏବଂ ୟୁରୋପକୁ ମଧ୍ୟ ଯାଏ । ଅଲ୍ଲାଃ ତାଲା ସେହି ଖ୍ରୀଷ୍ଟଜାତିକ ନିପୂଣତା ଓ ଚାତୁର୍ଯ୍ୟତା ପ୍ରଦାନ କରିଛନ୍ତି । ସେମାନେ ଈଶ୍ୱରଦତ ସେହି ଚାତୁର୍ଯ୍ୟତା ବିନିଯୋଗ କରି ଉକ୍ତ କଥାକୁ ବୁଝି ପାରୁଛନ୍ତି କିନ୍ତୁ ମୁସଲମାନମାନଙ୍କ ଆଗରେ ଯେତେବେଳେ ମୁଁ ଏହି ସବୁ କଥା ଉପସ୍ଥାପିତ କରେ ସେତେବେଳେ ସେମାନଙ୍କ ପାଟିରୁ ଫେଣ ଗଦଗଦ ହୋଇ ନିର୍ଗତ ହୁଏ ଅର୍ଥାତ ସେମାନେ କ୍ରୋଧରେ ଜର୍ଜରିତ ହୋଇ ପଡ଼ନ୍ତି ଏବଂ ସେମାନେ ପାଗଳଙ୍କ ପରି ମତେ ହତ୍ୟା କରିବାକୁ ଆଗ୍ରହ ପ୍ରକାଶ କରନ୍ତି" । ଏହି ମୁସଲମାନମାନେ ଆଜି ମଧ୍ୟ ଅହେମଦୀମାନଙ୍କ ପ୍ରତି ସମାନ୍ ଆଚରଣ ପ୍ରଦର୍ଶନ କରୁଛନ୍ତି କିନ୍ତୁ ପବିତ୍ର କୁରଆନେ କରିମ୍‌ରେ ଯେଉଁ ଶିକ୍ଷା ରହିଥିଲା ବା ରହିଛି: **ଇଦ୍‌ଫଅ ବିଲ୍ଲତି ହିୟା ଅହ୍‌ସୁନ (ହାସିମ୍ ସଜ୍‌ଦାଃ:୩୫)** ଅର୍ଥାତ ସେମାନଙ୍କ ମନ୍ଦ କଥାକୁ ଉତମ କଥା ଦ୍ୱାରା ଦୂର କର । ଏହି ଶିକ୍ଷାଟି ଏଥିପାଇଁ ଦିଆଯାଇଥିଲା ଯେ, ଯଦି ତୁମର କେହି ଶତ୍ରୁ ବି ଥାଏ ତାହେଲେ ତା ପ୍ରତି ତୁମେ ବିନମ୍ରତା ଭାବ ଓ ଉତମ ଆଚରଣ ପ୍ରଦର୍ଶନ କରିବା ଉଚିତ କାରଣ ଏପରି କରିବା ଦ୍ୱାରା ସେହି ଶତ୍ରୁ ତୁମର ବନ୍ଧୁ ପାଲଟିଯିବ ଏବଂ ତୁମର କଥାକୁ ବିନମ୍ରତା ସହକାରେ ତଥା ଶାନ୍ତିପୂର୍ଣ୍ଣ ଭାବରେ କର୍ଣ୍ଣପାତ କରିବ ମୁଁ ସର୍ବଶକ୍ତିମାନ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯେ, ମୁଁ ତାଙ୍କ ତରଫରୁ ଆସିଛି । ସେ ଭଲ ଭାବରେ ଜାଣନ୍ତି ଯେ, ମୁଁ କୁଟୀଳ ସ୍ୱଭାବ ବ୍ୟକ୍ତି ନୁହେଁ କି ମିଥ୍ୟାବାଦି ନୁହେଁ ଯଦି ତୁମେମାନେ ମତେ ଅଲ୍ଲାଃ ତାଲାଙ୍କ ଦ୍ୱାହି ଦେବାପରେ ଏବଂ ସେହି ନିଦର୍ଶନ ଗୁଡ଼ିକୁ, ଯାହାକି ମୋ ସପକ୍ଷରେ ପ୍ରକାଶିତ ହୋଇଅଛି ଦେବା ସତ୍ୱେ ମଧ୍ୟ ମତେ କୁଟୀଳ ଓ ମିଥ୍ୟାବାଦୀ ବୋଲି ବିବେଚନା କରୁଅଛ ତାହେଲେ ମୁଁ ତୁମମାନଙ୍କୁ ଈଶ୍ୱରଙ୍କ ରାଣ ଦେଇ କହୁଛି ତୁମେମାନେ କୁଟୀଳ ଓ ମିଥ୍ୟାବାଦୀର ଏହିପରି ନିଦର୍ଶନ ଓ ଐଶି ସମର୍ଥନର ଦୃଷ୍ଟାନ୍ତ ମୋ ଆଗରେ ଉପସ୍ଥାପିତ କରି ମତେ ଦେଖାଅ । କାରଣ ଏଭଳି ମିଥ୍ୟାଚାରୀ ଓ କୁଟୀଳ ସ୍ୱଭାବି ବ୍ୟକ୍ତି ଯିଏ ଅଲ୍ଲାଃ ତାଲାଙ୍କ ଉପରେ ମିଥ୍ୟାରୋପ କରେ ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ ସମର୍ଥନ ଜଣାଇଥିବେ ଯେପରି ମତେ ଜଣାଉଛନ୍ତି ଅର୍ଥାତ ମୋର ସମର୍ଥନ କରୁଛନ୍ତି । ଯଦି ତୁମ ପାଖରେ ଏଭଳି କୌଣସି ଦୃଷ୍ଟାନ୍ତ ରହିଛି ତାହେଲେ ତୁମେ ଦେଖାଅ ତ ସହି । କଣ ପୃଥିବୀରେ ପରିବ୍ୟାପ୍ତ ଯମାତ୍ ଅହେମଦୀୟା ଏହି କଥାର ସ୍ପଷ୍ଟ ପ୍ରମାଣ ନୁହେଁ ଯେ, ଅଲ୍ଲାଃ ତାଲାଙ୍କର ସମର୍ଥନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ଅଭ୍ୟାହତ ରହିଛି । ହଜୁର କୁହନ୍ତି, ଅଲ୍ଲାଃ ତାଲାଙ୍କ ପକ୍ଷେ ଏହା ଉଚିତ ଥିଲା ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ଉପରେ ଏଭଳି ମିଥ୍ୟାରୋପ କରିବ ତେବେ ସେ ତାହାକୁ ଅବଶ୍ୟ ବିନାଶ କରିଦେଇଥାନ୍ତି କିନ୍ତୁ ଏଠାରେ ବିପରୀତ ଅର୍ଥାତ ମୋ ପକ୍ଷେ ତାହାଙ୍କ ଆଚରଣ ସମ୍ପୂର୍ଣ୍ଣ ରୂପେ ବିପରୀତ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ସତ୍ୟବାଦୀ ଏବଂ ମୁଁ ତାଙ୍କ ପକ୍ଷରୁ ହିଁ ଆଗମନ କରିଛି ଅର୍ଥାତ ମୋର ଆସିବା ତାଙ୍କ ପକ୍ଷରୁ ଅଟେ । କିନ୍ତୁ ଏହା ସତ୍ୱେ ମଧ୍ୟ ମତେ ମିଥ୍ୟାବାଦୀର ଆଖ୍ୟା ଦିଆ ଯାଉଅଛି । ପୁନଶ୍ଚ ପ୍ରତ୍ୟେକ ମୋକଦ୍ଦମାରେ ମୋ ବିରୁଦ୍ଧରେ ଛିଡ଼ା ହୋଇଥିବା ପ୍ରତିପକ୍ଷ ଜାତିକୁ ସମର୍ଥନ ଦେବା ବଦଳରେ ମତେ ସାହାଯ୍ୟ ତଥା ସମର୍ଥନ ଜଣାନ୍ତି ଏବଂ ମୋର ରକ୍ଷା କରନ୍ତି ଯଦ୍ୱାରା ଲକ୍ଷ୍ୟାଧିକ ଲୋକମାନଙ୍କ ମନରେ ମୋର ପ୍ରେମକୁ ଜାତ କରିଦିଅନ୍ତି । ତେବେ ଦୂରବର୍ତୀ ଓ ନିକଟବର୍ତୀ ଭାରତ, ୟୁରୋପ, ଆମେରିକା, ଆଫ୍ରିକା, ସାଉଦି, ଆମେରିକା ଉପଦ୍ୱୀପ, ଅଷ୍ଟ୍ରେଲିଆ ଆଦି ଦେଶରେ ମଧ୍ୟ ଲକ୍ଷ୍ୟାଧିକ ବ୍ୟକ୍ତିମାନଙ୍କ ମନରେ ଅଲ୍ଲାଃ ତାଲା ମୋ ପ୍ରେମକୁ ଜାତ କରିଦେଇଛନ୍ତି । ତେଣୁ ଏହା ଅତ୍ୟନ୍ତ ବିଚିତ୍ର କଥା ଯେ, ମିଥ୍ୟାବାଦୀ ସହିତ ଅଲ୍ଲାଃ ତାଲାଙ୍କ ଏଭଳି ସୁନ୍ଦର ଆଚରଣ ରହିଛି । ଅତଏବ ମୁଁ ଏହି ସମସ୍ତ କଥାକୁ ସତ୍ୟ ବୋଲି ଗ୍ରହଣ କରୁଛି ଏବଂ ଉପରୋକ୍ତ ବର୍ଣ୍ଣନା ହିଁ ମୋ ସତ୍ୟତାର ଜ୍ୱଳନ୍ତ ପ୍ରମାଣ । ଅତଏବ ତୁମେ ଏହିଭଳି ମିଥ୍ୟାବାଦୀର ନିଦର୍ଶନ ଏବଂ ଦୃଷ୍ଟାନ୍ତ ଦିଅ ଯିଏ ମିଥ୍ୟାବାଦୀ ଥିବ ଏବଂ ଅଲ୍ଲାଃ ତାଲାଙ୍କ ଉପରେ ସେ ମିଥ୍ୟାରୋପ କରିଥିବ ପୁଣି ଅଲ୍ଲାଃ ତାଲା ସେହି ମିଥ୍ୟାବାଦୀ ସପକ୍ଷରେ ଏହିଭଳି ସାହାଯ୍ୟ ଓ ଅନୁକମ୍ପା ପ୍ରଦର୍ଶନ କରିଥିବେ ଏବଂ ସେହି ଲୋକକୁ ଏତେ ସମୟ ପର୍ଯ୍ୟନ୍ତ ଜୀବନ୍ତ ରଖିଥିବେ ଓ ତା'ର ମନସ୍କାମନାକୁ ପୁରଣ କରି ଚାଲିଥିବେ । (କ୍ଷଣକ ପାଇଁ ଏଭଳି ଦୃଷ୍ଟାନ୍ତ) ଦେଖାଅ ତ ସହି" ।

***(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୨୭୫-୨୭୬)***

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି, ମୁସଲମାନମାନଙ୍କ ନିମନ୍ତେ ଏହା ଉଚିତ ଯେ ବର୍ତମାନ ଯେଉଁ ଦିବ୍ୟାଲୋକ ଆକାଶରୁ ଅବତୀର୍ଣ୍ଣ ହେଉଅଛି ତାହାକୁ ସମ୍ମାନ ଦିଅ ଏବଂ ଅଲ୍ଲାଃ ତାଲାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କର । ଅଲ୍ଲାଃ ତାଲା ଯଥା ସମୟରେ ସେମାନଙ୍କ ହସ୍ତକୁ ଧରିନେବେ । ଅଲ୍ଲାଃ ତାଲା ନିଜର ପ୍ରତିଶୃତି ଅନୁଯାୟୀ ଉକ୍ତ ବିପତି ସମୟରେ ମୁସଲମାନମାନଙ୍କୁ ସାହାଯ୍ୟ କଲେ କିନ୍ତୁ ମୁସଲମାନମାନେ ଯଦି ଅଲ୍ଲାଃ ତାଲାଙ୍କର ସେହି ପୁରସ୍କାରକୁ ସମ୍ମାନ ନ ଜଣାନ୍ତି ତାହେଲେ

ଅଲ୍ଲାଃ ତାଲା ମଧ ସେମାନଙ୍କର ଅର୍ଥାତ ମୁସଲମାନମାନଙ୍କର ତିଳେମାତ୍ର ପରବାଏ କରିବେନାହିଁ । ସେ ନିଜର କାମ କରିଚାଲିବେ । ସେହି ବ୍ୟକ୍ତିଙ୍କ ନିମନ୍ତେ ଦୁଃଖ ଓ ପରିତାପର ବିଷୟ ହେବ । ମୁଁ ଦୃଢ଼ତାର ସହିତ ଓ ପୂର୍ଣ୍ଣ ବିଶ୍ୱାସର ସହିତ ଏବଂ ପୂର୍ଣ୍ଣ ବୁଦ୍ଧିମତାର ସହିତ କହୁଛି ଯେ, ଅଲ୍ଲାଃ ତାଲା ଅନ୍ୟ ଧର୍ମକୁ ବିଲିନ କରି ଇସ୍‌ଲାମ୍ ଧର୍ମକୁ ବିଜୟ ଓ ସାଫଲ୍ୟ ମଣ୍ଡିତ କରିବେ । ବର୍ତମାନ ଏଭଳି କୌଣସି ହସ୍ତ ଓ ଶକ୍ତି ନାହିଁ ଯିଏ ଅଲ୍ଲାଃ ତାଲାଙ୍କର ଏହି ଇଚ୍ଛାକୁ ବିରୋଧ କରିବ କାରଣ ସେ କୁହନ୍ତି: **ଫାଆଲୁଲ୍ ଲିମା ୟୁରିଦ୍ (ଅଲ୍‌ବୁରୁଜ୍:୧୭)** ଅର୍ଥାତ ସେ ଯାହା କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତାହା ସେ ଅବଶ୍ୟ କରିଥାନ୍ତି ତେଣୁ । ହେ ମୁସଲମାନମାନେ ମନେରଖ ଅଲ୍ଲାଃ ତାଲା ମୋରି ମାଧମରେ ତୁମମାନଙ୍କୁ ଏହି ସୁଚନା ପ୍ରଦାନ କରିଛନ୍ତି ମୁଁ ନିଜର ବାର୍ତା ତୁମମାନଙ୍କ ନିକଟରେ ପହଂଚାଇ ଦେଇଛି । ବର୍ତମାନ ତୁମ ଉପରେ ନିର୍ଭର କରୁଛି ଯେ ତୁମେ ଏଥିପ୍ରତି କର୍ଣ୍ଣପାତ କରି ତାହାକୁ ଗ୍ରହଣ କରୁଛ ଅବା ନୁହେଁ? ଏହା ସତ୍ୟ ଯେ, ହଜ୍‌ରତ୍ ଇସା ମୃତ୍ୟୁବରଣ କରିସାରିଛନ୍ତି ଏବଂ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ଯେଉଁ ପ୍ରତିଶୃତ ମସିହିଙ୍କ ଆଗମନ ଘଟିବାର ଥିଲା ସେହି ପ୍ରତିଶୃତ ମସିହ୍ ହେଉଛି ମୁଁ ଏବଂ ଏହା ସତ୍ୟ ଯେ, ଇସ୍‌ଲାମ୍‌ର ଜୀବନ ହଜ୍‌ରତ୍ ଇସା ଆ:ସଙ୍କ ମୃତୁରେ ହିଁ ରହିଛି" ।

*(ଲେକ୍‌ଚର୍ ଲୁଧିୟାନା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୨୯୦)*

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପୁନଶ୍ଚ କୁହନ୍ତି: ମୋର ଅବୋଧ ବିରୋଧିମାନଙ୍କୁ ଅଲ୍ଲାଃ ତାଲା ପ୍ରତିଦିନ ବିଭିନ୍ନ ପ୍ରକାରର ନିଦର୍ଶନ ଦେଖାଇ ତିରସ୍କୃତ କରିଚାଲିଛନ୍ତି ଏବଂ ମୁଁ ଶପଥ କରି କହୁଛି ଯେ, ଅଲ୍ଲାଃ ତାଲା ଯେଉଁଭଳି ଐଶିବାଣୀ ମୂଳକ କଥୋପକଥନ ଏବଂ ସମ୍ବୋଧନ ଇବ୍ରାହିମ ଆ:ସଙ୍କ ସହିତ ତଥା ଇସ୍‌ହାକ୍ ଆ:ସଙ୍କ ସହିତ ତଥା ଇସ୍‌ମାଇଲ୍ ଆ:ସ, ତଥା ୟାକୁବ ଆ:ସଙ୍କ ସହିତ, ତଥା ୟୁସୁଫ୍ ଏବଂ ମସିହ୍ ଇବ୍‌ନେ ମରିୟମ୍‌ଙ୍କ ସହିତ ଏବଂ ଆମ ପ୍ରୀୟ ନବୀ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ସହିତ କରିଥିଲେ, ସେହିଭଳି ବାର୍ତାଲାପ ମୋ ସହିତ ମଧ କରିଛନ୍ତି ଏବଂ ନିଜର ପବିତ୍ର ଶୂନ୍ୟବାଣୀ ମଧ ମୋ ଉପରେ ଅବତୀର୍ଣ୍ଣ କରିଛନ୍ତି । ସେହିଭଳି ଐଶିବାଣୀ ଅଲ୍ଲାଃ ତାଲା ମୋ ଉପରେ ଅବତୀର୍ଣ୍ଣ କରିଛନ୍ତି ଏବଂ ମୋ ସହିତ ବାର୍ତାଲାପ କରିଛନ୍ତି । ମତେ ସେହି ଐଶିବାଣୀ ଦ୍ୱାରା ସମ୍ମାନୀତ କରିଛନ୍ତି କିନ୍ତୁ ଏହି ସମ୍ମାନ ମତେ ହଜୁର ସ:ଆ:ସଙ୍କ ଅନୁକରଣ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଛି । ଅତଏବ ମୁଁ ଯଦି ହଜୁର ସ:ଆ:ସଙ୍କ ଜାତିର ହୋଇନଥାନ୍ତି ଅର୍ଥାତ ତାଙ୍କ ସମ୍ପ୍ରଦାୟର ଅନୁଗାମୀ ହୋଇନଥାନ୍ତି । ତେବେ ଯଦି ମୋର ପର୍ବତ ପରି ପୂଣ୍ୟକର୍ମ ଥାଆନ୍ତା ତାହେଲେ ମଧ ମୁଁ ଏହି ଐଶିବାଣୀର କଥୋପକଥନର କଦାପି ଅଂଶିଦାର ଅବା ଭାଗିଦାର ହୋଇପାରିନଥାନ୍ତି । ପ୍ରଭୁ କଦାପି ମତେ ଏହି ସମ୍ମାନ ପ୍ରଦାନ କରିନଥାନ୍ତେ କାରଣ ଅଲ୍ଲାଃ ତାଲା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଅବତାରତ୍ୱ ପରେ ସମସ୍ତ ପ୍ରକାର ନବୁଓ୍ୱତ୍‌କୁ ଅବରୁଦ୍ଧ ଅବା ପରିସମାପ୍ତି କରିଦେଇଛନ୍ତି । ନୂତନ ଧର୍ମ ବିଧାନକୁ ଘେନି କୌଣସି ନବୀ ଆସିପାରିବେ ନାହିଁ କିନ୍ତୁ ଧର୍ମ ବିଧାନ ବିହୀନ ନବୀ ଆସିପାରିବେ କିନ୍ତୁ ସେହି ନବୀ ଯିଏ ପ୍ରଥମେ ଉମ୍ମତି ଅର୍ଥାତ ଇସ୍‌ଲାମୀୟ ଧର୍ମାଲମ୍ବୀ ହୋଇଥିବେ । ଅତଏବ ଏହି କାରଣ ଯୋଗୁଁ ମୁଁ ହେଉଛି ଉମ୍ମତି ଏବଂ ନବୀ । ମୋର ନବୁଓ୍ୱତ୍ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ନବୁଓ୍ୱତ୍‌ର ଏକ ଛାୟା ସଦୃଶ । ଅତଏବ ସେହି ନବୁଓ୍ୱତେ ମହମ୍ମଦୀୟା ହିଁ ମୋ ଠାରେ ପ୍ରକାଶ୍ୟମାନ ଏହି ଆଧାରରେ ମୁଁ ହେଉଛି ଉମ୍ମତି ଓ ପୁଣି ନବୀ ତେଣୁ ହଜୁର ସ:ଆ:ସ ସମ୍ମାନରେ କୌଣସି ହାନୀ ଘଟିବନାହିଁ । ଅଲ୍ଲାଃ ତାଲା ମୋ ସହିତ ଆଳାପ ସତ୍ୟାଧାରିତ ତହିଁରେ କୌଣସି ମତ ଦ୍ୱନ୍ଦ ନାହିଁ କିନ୍ତୁ ମୁଁ ଯଦି କିଛି କ୍ଷଣ ପାଇଁ ତହିଁପ୍ରତି ସନ୍ଦେହ ପ୍ରକାଶ କରେ ତାହେଲେ ମୁଁ ଅବିଶ୍ୱାସକାରୀ ପାଲଟି ଯିବି ଏବଂ ମୋର କ୍ରମ ପରିଣତି ଧ୍ୱସାଂଭିମୂଖ ହୋଇ ବିନାଶ ଘଟିବ । ମୋ ଉପରେ ଅଲ୍ଲାଃ ତାଲାଙ୍କର ଯେଉଁ ଐଶିବାଣୀ ଅବତୀର୍ଣ୍ଣ ହୋଇଛି ତାହା ବିଶ୍ୱାସ ଯୋଗ୍ୟ ଓ ସତ୍ୟ ଅଟେ । ଯେପରି ଜଣେ ବ୍ୟକ୍ତି ସୂର୍ଯ୍ୟାଲୋକକୁ ଦେଖି କୌଣସି ସନ୍ଦେହ ମନରେ ରଖିନଥାଏ ବା ପୋଷଣ କରିନଥାଏ ଏହା ହେଉଛି ସେହି ସୂର୍ଯ୍ୟାଲୋକ । ସେହିଭଳି ମୁଁ ଅଲ୍ଲାଃ ତାଲାଙ୍କ ଐଶିବାଣୀରେ ତିଳେମାତ୍ର ସନ୍ଦେହ ପ୍ରକାଶ କରିପାରିବି ନାହିଁ । ଯେଉଁ ଐଶିବାଣୀ ପ୍ରଭୁଙ୍କ ପକ୍ଷରୁ ମୋ ଉପରେ ଅବତୀର୍ଣ୍ଣ ହୋଇଛି ମୁଁ ଅଲ୍ଲାଃ ତାଲାଙ୍କର ସେହି ଐଶିବାଣୀ ଉପରେ ସେପରି ବିଶ୍ୱାସ ରଖୁଛି ବା ବିଶ୍ୱାସ ସ୍ଥାପନ କରୁଛି ଯେଉଁଭଳି ବିଶ୍ୱାସ ମୁଁ ଅଲ୍ଲାଃ ତାଲାଙ୍କ ପବିତ୍ର ଧର୍ମଗ୍ରନ୍ଥ ପବିତ୍ର କୁର୍‌ଆନ୍ ଉପରେ ରଖେ । ***(ତଜଲ୍ଲିୟାତେ ଲଈାହିୟା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୪୧୧-୪୧୨)***

ହଜୁର ଆହୁରି କୁହନ୍ତି ଯେ, ଅଲ୍ଲାଃ ତାଲା ଯେଉଁ କାର୍ଯ୍ୟ ଲାଗି ମତେ ମନୋନୀତ କରିଛନ୍ତି ସେହି କାର୍ଯ୍ୟଟି ହେଉଛି ଏହା କି ମୁଁ ଅଲ୍ଲାଃ ତାଲାଙ୍କ ସୃଷ୍ଟଜ ପ୍ରାଣୀମାନଙ୍କର ସେବା କରିବି ଅର୍ଥାତ ମାନବସେବା ମୋର ପରମକର୍ତବ୍ୟ ଏବଂ ପ୍ରଭୁ ଓ ତାଙ୍କ ସୃଷ୍ଟି ମଧରେ ଯେଉଁ ଦୂରତା ଓ କଳୁଷିତ ପରିଲକ୍ଷିତ ହୋଇଛି ସେହି ଦୁଃଖକୁ ଦେଖି ମୁଁ କିପରି ବା ସହ୍ୟ କରିପାରିବି ବରଂ ତାହାକୁ ଦୂର କରି ପ୍ରେମ, ସଦ୍‌ଭାବନା ଓ ପ୍ରିତି ସମ୍ପର୍କକୁ ପୂର୍ନବାର ସ୍ଥାପିତ କରିବି । ସତ୍ୟର ପରିପ୍ରକାଶ ମାଧମରେ ଧାର୍ମିକ ଯୁଦ୍ଧର ଅବସାନ ଘଟାଇ ସନ୍ଧିର ମୁଳଦୁଆ ପକାଇବି । ସେହି ଧାର୍ମିକ ସତ୍ୟତା ଯାହା ପୃଥିବୀବାସୀଙ୍କ ଦୃଷ୍ଟିରୁ ଅଗୋଚର ଓ ଲୁପ୍ତ ହୋଇଯାଇଥିଲା ତାହାକୁ ମୁଁ ପୂନଃ ପରିପ୍ରକାଶ କରିବି । ସେହି ଆଧାତ୍ମିକତା ଯାହା କାମନା ମୂଳକ ଅନ୍ଧକାର ତଳେ ବିଲିନ ହୋଇଯାଇଛି ତାହାର ଦୃଷ୍ଟାନ୍ତ ପରିପ୍ରକାଶ କରିବି ଅର୍ଥାତ ନମୁନା ପ୍ରଦର୍ଶନ କରିବି । ଅଲ୍ଲାଃ ତାଲାଙ୍କର ଶକ୍ତି ଯାହା ମନୁଷ୍ୟମାନଙ୍କ ମଧରେ ପ୍ରବେଶ କରି ଧ୍ୟାନ ଓ ଦୁଆ (ପ୍ରାର୍ଥନା) ମାଧମରେ ହିଁ ଉଦିତ ହୋଇଥାଏ, ମୁଁ ସେହି ଅବସ୍ଥାକୁ ବର୍ତମାନ ଦୁଆ ମାଧମରେ ହିଁ ଉପସ୍ଥାପନ କରିବି ନା କି ଭାଷାଗତ ଛଳରେ ବର୍ଣ୍ଣନା କରିବି । ସବୁଠୁ ଅଧିକ ସେହି ସତ୍ୟକୁ ମୁଁ ଉଜାଗର କରିବି ଯେଉଁ ସତ୍ୟଟି ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଛି ଅର୍ଥାତ ଏକଶ୍ୱରବାଦର ସତ୍ୟତାକୁ ଯାହାକି ସିର୍କର ଅପମିଶ୍ରଣରୁ ରହିତ ଅଟେ । ଏବଂ ଏହି ଏକେଶ୍ୱରବାଦ ବର୍ତମାନ ସମ୍ପୂର୍ଣ୍ଣରୂପେ ଧ୍ୱସଂ ପ୍ରାପ୍ତ ହୋଇସାରିଛି' । ମୁଁ ପୂନର୍ବାର ସଂସାରବାସୀଙ୍କ ମଧରେ ସେହି ବୃକ୍ଷକୁ ରୋପଣ କରିଦେବି । ଏହି ସମସ୍ତ କାର୍ଯ୍ୟ କେବଳ ମୋର ସାମର୍ଥ୍ୟ ବଳରେ ହେବ ନାହିଁ ବରଂ ସେହି ସର୍ବଶକ୍ତିମାନ ଐଶ୍ୱରର୍ଯ୍ୟମୟ ପ୍ରଭୁ ସାଧିତ କରିବେ । ଯିଏ ଉଭୟ ଆକାଶ ଓ ପାତାଳର ପ୍ରଭୁ ଅଟନ୍ତି । ମୁଁ ଏହା ଅବଲୋକନ କରୁଛି ଯେ, ଅଲ୍ଲାଃ ତାଲା ଗୋଟିଏ ପକ୍ଷରେ ମୋ ହସ୍ତ ମାଧମରେ ସଂସ୍କାର ଆଣି ଏବଂ ମତେ ନିଜର ଶୂନ୍ୟବାଣୀ ତଥା ଐଶିବାଣୀ ଦ୍ୱାରା ବିମଣ୍ଡିତ କରି ଓ ମୋ ହୃଦୟକୁ ଉତ୍ସାହ ପ୍ରଦାନ କରିଛନ୍ତି ଯେ, ମୁଁ ଯେପରି ଏହି ପ୍ରକାରର ସଂଶୋଧନ ପାଇଁ ଛିଡ଼ା ହୋଇଯିବି । ଅନ୍ୟ ପକ୍ଷରେ ଅଲ୍ଲାଃ ତାଲା ସେହିଭଳିଆ ହୃଦୟମାନ ମଧ ମତେ ପ୍ରଦାନ କରିବେ ଯେଉଁମାନେ ମୋ କଥାକୁ କର୍ଣ୍ଣପାତ କରିବେ, ସ୍ୱୀକାର କରିବେ ଏବଂ ସେଥିପ୍ରତି ତତ୍ପରତା ପ୍ରଦର୍ଶନ କରିବେ । ମୁଁ ଏହା ଦେଖୁଛି ଯେ, ଅଲ୍ଲାଃ ତାଲା ଯେବେଠାରୁ ମତେ ଏହି ସଂସାରରେ ନିଯୁକ୍ତ କରି ପ୍ରେରଣ କରିଛନ୍ତି ସେବେଠାରୁ ପୃଥିବୀରେ ଚହଳ ପଡ଼ିଯାଇଛି ଏବଂ ଏକ ମହା ବିପ୍ଳବ ସୃଷ୍ଟି ହୋଇଯାଇଛି । ୟୁରୋପ ଏବଂ ଆମେରିକା ବାସୀ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ଈଶ୍ୱରତ୍ୱ ପ୍ରତି ଆଶକ୍ତ ଥିଲେ । ବର୍ତମାନ ସେମାନଙ୍କର ଗବେଷକମାନେ ସ୍ୱୟମ ଉକ୍ତ ଆସ୍ଥା ପ୍ରତି ବିମୁଖତା ପ୍ରକାଶ କରୁଛନ୍ତି ଏବଂ ସେଥିରୁ ନିଜକୁ ପୃଥକ କରିଚାଲିଛନ୍ତି । ବର୍ତମାନ ଏଭଳି ଅସଂଖ୍ୟ ବ୍ୟକ୍ତିମାନେ ହୋଇଚାଲିଛନ୍ତି ଯେଉଁମାନେ ଉକ୍ତ ଆସ୍ଥା ପ୍ରତି ନକାରାତ୍ମକ ଭାବ ପ୍ରକାଶ କରୁଛନ୍ତି । ସେହି ଜାତି ଯିଏ ନିଜର ପୂର୍ବଜଙ୍କ ଅର୍ଥାତ ବାବା ଅଜାଙ୍କ ସମୟରୁ ପିତୁଳା ପୁଜା ଓ ଦେବାଦେବୀଙ୍କର ଉପାସନା କରିଆସୁଥିଲେ ସେମାନଙ୍କ ମଧରୁ ଅନେକ ବ୍ୟକ୍ତିମାନେ ଏହା ବୁଝି ପାରିଛନ୍ତି ଯେ, ମୂର୍ତି ପୂଜାରେ ତ' କୌଣସି ଲାଭନାହିଁ ତେଣୁ ତହିଁରୁ ସ୍ପଷ୍ଟ ହୁଏ ଯେ, ଏହି ଲୋକମାନେ ଯଦି ଓ ବର୍ତମାନ ଆଧାତ୍ମିକଠାରୁ ସମ୍ପୁର୍ଣ୍ଣରୂପେ ଅପରିଚିତ ଓ ଅନଭିଜ୍ଞ । ସେମାନେ କେତେକ ଶବ୍ଦକୁ ରୀତି ସ୍ୱରୁପ ଧରି ବସିଛନ୍ତି କିନ୍ତୁ ତହିଁରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ଶତାଧିକ ଅସଭ୍ୟ ପରମ୍ପରା ଓ ନୂତନ ଆଦ୍ଭୁତ ରୀତି ଓ ଶିର୍କର ଡ଼ୋରି ତଥା ରଜ୍ଜୁ ସେମାନେ ନିଜ ବେକରେ ବାନ୍ଧି ନେଇଛନ୍ତି ଏବଂ ଏକଶ୍ୱରବାଦର ଦଉଡ଼ି ନିକଟରେ ଆସି ଛିଡ଼ା ହୋଇଯାଇଛନ୍ତି । ମୁଁ ଆଶା କରୁଛି ଯେ, କିଛି କାଳ ପରେ ସେମାନଙ୍କ ମଧରୁ ଅନେକ ପରମେଶ୍ୱରଙ୍କ ଅନୁଗ୍ରହତା ଲାଭ କରିପାରିବେ । ସେମାନଙ୍କୁ ଧକ୍କା ଦେଇ ପ୍ରକୃତ ଓ ସମ୍ପୁର୍ଣ୍ଣ ଏକଶ୍ୱରବାଦର ଶାନ୍ତିର କୋଠରୀରେ ପ୍ରବେଶ କରାଇଦେବେ । ଯେଉଁ ଏକେଶ୍ୱରବାଦ ସହିତ ପୂର୍ଣ୍ଣ ପ୍ରେମ ଓ ପୂର୍ଣ୍ଣ ଭୟ ସେମାନଙ୍କୁ ପ୍ରଦାନ କରାଯିବ । ମୋର ଏହି ଆଶା କେବଳ କାଳ୍ପନିକ ନୁହେଁ ବରଂ ପବିତ୍ର ଐଶିବାଣୀ ମାଧମରେ ମତେ ଶୁଭ ସମାଚାର ପ୍ରଦାନ କରାଯାଇଛି ଯେ ଏହି ଦେଶରେ ଅଲ୍ଲାଃ ତାଲାଙ୍କର ଏହି ତତ୍ୱ କାର୍ଯ୍ୟ କରିବ କାରଣ ଅଲ୍ଲାଃ ତାଲା ଶିଘ୍ର ଶିଘ୍ର ବିଭିନ୍ନ ଜାତିକୁ ଗୋଟିଏ ଜାତିରେ ପରିଣତ କରିଦେବେ । ସନ୍ଧି ଓ ମୈତ୍ରୀପ୍ରିତିର ଦିନକୁ ପୂର୍ନବାର ଫେରାଇ ଆଣିବେ । ପ୍ରତ୍ୟେକଙ୍କୁ ସେହି ବାୟୁର ସୁଗନ୍ଧ ମିଳୁଅଛି ଏହି ସମସ୍ତ ବିଭିନ୍ନ ଜାତି ଦିନେ ନା ଦିନେ ଗୋଟିଏ ଜାତିରେ ପରିଣତ ହୋଇଯିବେ ।

*(ଲେକ୍‌ଚର୍ ଲହୋର୍, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃଷ୍ଠା-୧୮୦-୧୮୧)*

ଅଲ୍ଲାଃ ତାଲା କରନ୍ତୁ କି ପୃଥିବୀରେ ବସବାସ କରୁଥିବା ଲୋକମାନେ ବିଶେଷ କରି ମୁସଲମାନମାନେ ଉକ୍ତ ବାସ୍ତବିକତାକୁ ହୃଦୟଙ୍ଗମ କରନ୍ତୁ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାବିଗୁଡ଼ିକୁ ବୁଝନ୍ତୁ ସେମାନେ ଯଥା ଶିଘ୍ର ମସିହ୍ ଓ ମେହେଦୀଙ୍କ ବୟତରେ ସାମିଲ ହୋଇଯାଆନ୍ତୁ ଯେଉଁ ମେହେଦୀଙ୍କୁ ଅଲ୍ଲାଃ ତାଲା ଇସ୍‌ଲାମର ପୂର୍ନଉଦ୍ଧାର ତଥା ଦ୍ୱିତୀୟ ଯୁଗ ପାଇଁ ପ୍ରେରଣ କରିଛନ୍ତି । ଏବଂ ଆମମାନଙ୍କୁ ମଧ ନିଜ ବୟତର କର୍ତବ୍ୟକୁ ସମ୍ପାଦନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ମୁଁ ପୂନର୍ବାର ପାକିସ୍ତାନରେ ବସବାସ କରୁଥିବା ଅହେମଦୀ ଓ ଉପଦ୍ୱପରେ ବସବାସ କରୁଥିବା ଅହେମଦୀମାନଙ୍କ ପାଇ ଦୂଆ କରବାକୁ ଆହ୍ୱାନ କରୁଅଛି । କାରଣ ସେଠାରେ ପୁନର୍ବାର ପରିସ୍ଥିତି ଜଟିଳ ହେବାକୁ ଲାଗିଛି । ସେ ସର୍ମ୍ପକରେ ଆମେ ଏହା କହିପାରିବା ନାହିଁ ଯେ, ସେଠାରେ ଶାନ୍ତି ଫେରିବ କି ନାହିଁ ପ୍ରତ୍ୟେକ ଦିନ କିଛି ନା କିଛି ଘଟଣାମାନ ଘଟିଚାଲିଛି । ପାକିସ୍ତାନ ଓ ଉପଦ୍ୱୀପରେ ମଧ ସମାନ ପରିସ୍ଥିତି ପରିଲକ୍ଷିତ ହେଉଛି । ସେହିପରି ଉପଦ୍ୱୀପରେ ଥିବା ସରକାରଙ୍କର କେତେକ କର୍ତୁପକ୍ଷମାନଙ୍କର ସତ୍ ଉଦ୍ଦେଶ୍ୟ ଜଣାପଡୁନାହିଁ । ସେ ପୂନର୍ବାର କେସ୍‌କୁ ଖୋଲି ଚାଲିଛନ୍ତି । ଅଲ୍ଲାଃ ତାଲା ପ୍ରତ୍ୟେକ ଦେଶରେ ବସବାସ କରୁଥିବା ଅହେମଦୀମାନଙ୍କୁ ନିଜ ସୁରକ୍ଷା ବଳୟ ମଧରେ ରଖନ୍ତୁ କିନ୍ତୁ ତତ୍‌ସହିତ ଅହେମଦୀମାନଙ୍କୁ ମଧ ଧ୍ୟାନ ରଖିବା ଉଚିତ ଯେ, ସେମାନେ ପୂର୍ବାପେକ୍ଷା ଅଧିକ ଅଲ୍ଲାଃ ତାଲାଙ୍କ ଆଡ଼କୁ ମନଯୋଗ କରନ୍ତୁ, ଆନତ ହୁଅନ୍ତୁ ଓ ନିଜ ଉପାସନାର ଅଧିକାରକୁ ସମ୍ପାଦନ କରନ୍ତୁ ତଥା ଭକ୍ତମାନଙ୍କର ଅଧିକାରକୁ ମଧ ସମ୍ପାଦନକାରୀ ବିବେଚିତ ହୁଅନ୍ତୁ । ଅଲ୍ଲାଃ ତାଲା ସେଥିପ୍ରତି ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ତେଣୁ ଆପଣମାନେ ନିଜର ଅବସ୍ଥାକୁ ଉତ୍କୃଷ୍ଟତର କରି ଅଲ୍ଲାଃ ତାଲାଙ୍କ ସହିତ ନିଜ ସମ୍ପର୍କକୁ ସୁଦୃଢ଼ କରନ୍ତୁ । ଏଥିନିମନ୍ତେ ଅଲ୍ଲାଃ ତାଲା ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍......

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଏଥିପାଇଁ ବଦ୍‌ନାମ ହୋଇଗଲାଣି ଯେ, ଏମାନେ ଶାନ୍ତିକୁ ବର୍‌ବାଦ୍ କରୁଛନ୍ତି ଯେବେକି ଇସ୍‌ଲାମ୍ ନାମର ଅର୍ଥ ହିଁ ଶାନ୍ତି ଅଟେ । ଯଦି ଜଣେ ମୁସଲମାନ ଅନ୍ୟକୁ ଶାନ୍ତି ଦେଉନାହିଁ ତେବେ ସେ ମୁସଲମାନ ହିଁ ବୋଲାଇବ ନାହିଁ । ସେଥିପାଇଁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ କରିମ୍ ସ:ଆ:ସ କହିଛନ୍ତି ଯେ, ପ୍ରକୃତ ମୁସଲମାନ ହେଉଛି ସିଏ ଯାହାର ହାତ ଏବଂ ମୁହଁରୁ ଅନ୍ୟମାନେ ସୁରକ୍ଷିତ ରହୁଥିବେ । ସୁତରାଂ ପ୍ରକୃତ ଇସ୍‌ଲାମ୍ ହେଉଛି ତାହା ଯାହା ଶାନ୍ତି ପ୍ରଦାନ କାରୀ । ଶାନ୍ତିପ୍ରୀୟ ନାଗରିକ ହେଉଛି ସିଏ ଯିଏ ଅନ୍ୟ କାହାର ଶାନ୍ତିକୁ ନଷ୍ଟ କରୁନଥାଏ । ବରଂ ତା ସହିତ ନିଜେ ଶାନ୍ତିରେ ରହିଥାଏ । ଯଦି କେଉଁଠି ସୁଧାର କରିବାର ଆବଶ୍ୟକତା ପଡ଼େ ତେବେ କାନୁନ୍‌କୁ ହାତରେ ନେବା ଠିକ୍ ନୁହେଁ ଯେପରି କି ଆଜିକାଲି କେତେକ ଚରମପନ୍ଥୀ ଗୋଷ୍ଠୀ କାନୁନକୁ ହାତରେ ନେଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ଯେବେକି ଏହା ସମ୍ପୂର୍ଣ୍ଣରୂପେ ଇସ୍‌ଲାମୀୟ ଶିକ୍ଷାର ଓଲଟା କଥା । ବରଂ କାନୁନକୁ ପରିଚାଳନା କରିବାପାଇଁ ଯେଉଁ କାର୍ଯ୍ୟାଳୟଗୁଡ଼ିକ ରହିଛନ୍ତି ସେ ସବୁର ସାହାଯ୍ୟ ନେବା ଉଚିତ । ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ହେଉଛି ଏହା କି, କୌଣସି ଲୋକର ଶାନ୍ତିକୁ ବର୍‌ବାଦ ନ କରାଯାଉ । ଖୁଦାତାଲା ଏ କଥା କହିଛନ୍ତି ଯେ, ଯଦି ଗୋଟିଏ ଲୋକଙ୍କୁ ମଧ୍ୟ ହତ୍ୟା କରାଯାଉଅଛି ତାହେଲେ ଜାଣି ରଖ ଯେ, ଏହା ଦ୍ୱାରା ସମଗ୍ର ମାନବଜାତିକୁ ହତ୍ୟା କରାଯାଉଅଛି । ସେହିଭଳି ଯଦି ଜଣେ ବ୍ୟକ୍ତିର ଜୀବନକୁ ବଂଚାଇ ଦିଆଯାଉଅଛି ତାହେଲେ ସମଗ୍ର ମାନବଜାତିର ଜୀବନକୁ ବଂଚାଇବା ସହିତ ସମାନ । ଏହା ହେଉଛି ସମସ୍ତ ଧର୍ମର ଶିକ୍ଷା ଓ ଶିକ୍ଷାକୁ ଇସ୍‌ଲାମ୍ ଓ ପବିତ୍ର କୁର୍‌ଆନ୍ ନିଜ ମଧ୍ୟରେ ଧରି ରଖିଛି । ଅତଏବ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ହେଉଛି ଏହା ଯଦି ଏହାକୁ ସଠିକ୍ ବିବେଚନା କରାଯାଏ ତେବେ ଶାନ୍ତି ସୌହାର୍ଦ୍ଦ୍ୟ ଓ ଭାଇଚାରା ବ୍ୟତିତ ସେଥିରେ ଆଉ କିଛି ମିଳିବନାହିଁ ଏବଂ ଏହି ମିଶନକୁ ନେଇ ଯମାତ୍ ଅହେମଦୀୟା ମୁସ୍‌ଲିମା ସାରା ଦୁନିଆରେ ଇସ୍‌ଲାମ୍‌ର ପ୍ରକୃତ ରୂପକୁ ଦେଖାଇ ଚାଲିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଉ ଜଣେ ବକ୍ତା ଯିଏ ରାଉଣ୍ଡ ଟେବୁଲ୍ ଅଫ୍ ଫୁଲ୍‌ଡ଼ାର ପ୍ରତିନିଧି ଥିଲେ ସେ ଏକଥା ବତାଇ ଥିଲେ ଯେ, ଏଠାରେ ଶହେରୁ ଅଧିକା ଜାତିର ଲୋକମାନେ ବସବାସ କରୁଛନ୍ତି । ପୁଣି ସେ ଏକଥା ମଧ୍ୟ ବତାଇଥିଲେ ଯେ, ବିଭିନ୍ନ ଧର୍ମର ଲୋକମାନେ ଗୋଟିଏ ସ୍ଥାନରେ ଏକତ୍ରିତ ମଧ୍ୟ ହେଉଛନ୍ତି । ଏହା ବହୁତ ଭଲ କଥା ଯେ, ସବୁ ଧର୍ମର ଲୋକମାନେ ଏକାଠି ହେଉଛନ୍ତି ଓ ନିୟମିତ ଏଥିପାଇଁ ପ୍ରତ୍ୟେକ ବର୍ଷ ସେମାନେ ଗୋଟିଏ ଉତ୍ସବ ମଧ୍ୟ ପାଳନ କରୁଛନ୍ତି । ତାଙ୍କଠାରୁ ଏକଥା ଶୁଣି ମତେ ବହୁତ ଖୁସି ଲାଗିଲା ଯେ, ସେହି ଉତ୍ସବରେ ଯମାତ୍ ଅହେମଦୀୟା ମଧ୍ୟ ପ୍ରତିନିଧିତ୍ୱ କରୁଅଛି । ସେ ଆଉ ଗୋଟେ ଭଲ କଥା କହିଲେ ଯେ, ଅସଲ ଜିନିଷ ହେଉଛି ମାନବିକ ମୂଲ୍ୟବୋଧ । ଏହି ମାନବିକ ମୂଲ୍ୟବୋଧ ହିଁ ମଣିଷକୁ ଅନ୍ୟ ପ୍ରାଣୀଙ୍କଠାରୁ ସତ୍‌ଚରିତ୍ର ଏବଂ ଅଲଗା କରିଥାଏ । ଈଶ୍ୱର ମଣିଷକୁ ସର୍ବଶ୍ରେଷ୍ଠ ପ୍ରାଣୀକରି ଗଢ଼ି ତୋଳିଛି । ଯଦି ଆମେମାନେ ମଧ୍ୟ ଅନ୍ୟ ପ୍ରାଣୀଙ୍କ ଭଳି ଜଣେ ଅନ୍ୟଜଣଙ୍କୁ ମାରିବା, କାମୁଡ଼ିବା, ଘୋଷାଡ଼ିବା ତେବେ ଆମ ମଧ୍ୟରେ ଓ ଅନ୍ୟ ପ୍ରାଣୀଙ୍କ ମଧ୍ୟରେ ଫରକ୍ କଣ ରହିଲା । ଈଶ୍ୱର ଆମକୁ ଯେଉଁ ବୁଦ୍ଧି ଦେଇଛନ୍ତି ଯଦି ତାହାକୁ ଉଚିତ ସ୍ଥାନରେ ବ୍ୟବହାର ନ କରାଯାଏ । ତେବେ ମଣିଷ ଶ୍ରେଷ୍ଠ ପ୍ରାଣୀ ହୋଇ ଲାଭ କଣ । ଅସଲରେ ମାନବିକ ମୂଲ୍ୟବୋଧ ସେତେବେଳେ ଯାଇ ପ୍ରତିଷ୍ଠା ହୋଇଥାଏ ଯେତେବେଳେ ଆମେ ନିଜକୁ ଅନ୍ୟ ପ୍ରାଣୀଙ୍କଠାରୁ ବ୍ୟବହାରରେ ଉତମ ଆଚରଣ କରିବା । ଏହା ହିଁ ହେଉଛି ପ୍ରକୃତ ଶ୍ରେଷ୍ଠତ୍ୱ ଯାହାକୁ ଈଶ୍ୱର କେବଳ ଓ କେବଳ ମନୁଷ୍ୟ ମଧ୍ୟରେ ସୃଷ୍ଟି କରିଅଛନ୍ତି । ଅର୍ଥାତ ସେ ମଣିଷକୁ ବୁଦ୍ଧି ଦେଇଛନ୍ତି ଯଦ୍ୱାରା ସେ ତାହାର ସଠିକ୍ ବ୍ୟବହାର କରିପାରିବ ଏବଂ ସେହି ବୁଦ୍ଧି ଓ ବିବେକକୁ ବ୍ୟବହାର କରି ସେ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିପାରିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯମାତ୍ ଅହେମଦିୟାର ପ୍ରତିଷ୍ଠାତା ଯାହାଙ୍କୁ ଆମେ ମସିହ୍ ମଉଦ୍ ଏବଂ ମେହେଦୀ ମାଉଦ୍ ରୂପେ ମାନୁଅଛୁ ତାଙ୍କ ସମୟରେ ମଧ୍ୟ ଇଂଟରଫେତ୍ କନ୍‌ଫେରନ୍ସ ହୋଇଥିଲା । ସେହି କନ୍‌ଫରେନ୍ସରେ ଏହି ସର୍ତ ମଧ୍ୟ ରଖାଯାଇଥିଲା ଯେ, ପ୍ରତ୍ୟେକ ଧର୍ମର ପ୍ରତିନିଧି ନିଜ ନିଜ ଧର୍ମ ସମ୍ବନ୍ଧରେ ବକ୍ତୃତା ଦେବେ ଓ କୌଣସି ଧର୍ମକୁ ଖରାପ କହିବେନାହିଁ, କୌଣସି ଧର୍ମକୁ ଥଟ୍ଟା ପରିହାସ କରିବେନାହିଁ ଏବଂ କୌଣସି ଧର୍ମର ବିରୋଧରେ କିଛି କହିବେନାହିଁ । କେବଳ ସେଥିରେ ନିଜ ଧର୍ମ ମଧ୍ୟରେ ଥିବା ଭଲ ଗୁଣଗୁଡ଼ିକୁ ଉପସ୍ଥାପନ କରିବେ । ଯେମିତି କି ମୁଁ କହିସାରିଛି ଯେ, ଈଶ୍ୱର ମଣିଷକୁ ବୁଦ୍ଧି ଦେଇଛନ୍ତି, ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ବନାଇଛନ୍ତି । ଏବେ ପ୍ରତ୍ୟେକ ମଣିଷର ଦାୟିତ୍ୱ ହେଉଛି ଏହା କି, ସେ ସୁଗୁଣଗୁଡ଼ିକୁ ଦେଖୁ ଓ ନିଜେ ଏ ବିଷୟରେ ନିଷ୍ପତି କରୁ । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କହିଛନ୍ତି ଯେ, ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ । କୌଣସି ବ୍ୟକ୍ତି ଅନ୍ୟ କୌଣସି ଧର୍ମର ଲୋକକୁ ଜୋର୍ ଜବରଦସ୍ତି ବାଧ୍ୟ କରି ଧର୍ମ ପରିବର୍ତନ କରାଇପାରିବ ନାହିଁ । କାରଣ ମଣିଷର ବୁଦ୍ଧି ଅଛି ତାକୁ ଚିନ୍ତା କରିବାପାଇଁ ବୁଝିବାପାଇଁ ଏବଂ ପରକ୍ଷିବା ପାଇଁ ଅଲ୍ଲାଃ ତାଲା ବିବେକ ଓ ଜ୍ଞାନ ଦେଇଛନ୍ତି । ତେଣୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ପ୍ରତ୍ୟେକ ଧର୍ମର କଥାକୁ ଶୁଣିବା, ପ୍ରତ୍ୟେକ ଧର୍ମର ଶିକ୍ଷାକୁ ବୁଝିବା ଏବଂ ପରକ୍ଷୀବା ହେଉଛି ଉଦାର ମନୋଭାବ ରଖୁଥିବା ବ୍ୟକ୍ତିର କାର୍ଯ୍ୟ । ଏତଦ୍‌ଦ୍ୱାରା ମାନବିକ ମୂଲ୍ୟବୋଧର ପରିପ୍ରକାଶ ହୋଇଥାଏ । ଏହା ହେଉଛି ଏପରି ଜିନିଷ ଯାହା ଦ୍ୱାରା ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ପ୍ରେମ ଓ ଭଲ ପାଇବାର ବାର୍ତା ଉଜାଗର ହୋଇ ସମ୍ମୁଖକୁ ଆସିଥାଏ । ଓ ପୁଣି ଆଗକୁ ଆଗକୁ ଏହା ପ୍ରସାର ହୋଇଚାଲିଥାଏ ତେଣୁ ଆମକୁ ସର୍ବଦା ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିବା ଉଚିତ । ଏହା ସେତେବେଳେ ଯାଇ ହୋଇପାରିବ ଯେତେବେଳେ ଆମେ ଅନ୍ୟଜଣକର ଆବେଗ ଓ ମନୋଭାବର ଖିଆଲ୍ ରଖିବା ଓ ଜଣେ ଅନ୍ୟଜଣକ ପ୍ରତି ସେବା ମନବୃତି ରଖିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଏ ତାଗିଦ୍ କରିଛନ୍ତି ଯେ, କିଛି ଲୋକ ଏପରି ଅଛନ୍ତି ଯେଉଁମାନଙ୍କର ନମାଜ ସେମାନଙ୍କ ପାଇଁ ଧ୍ୱଂସର କାରଣ ହୋଇଯିବ । ଆଗକୁ ତାହାର ସ୍ପଷ୍ଟିକରଣ ଦେଇ ବୁଝାଇଛନ୍ତି ଯେ, କାହିଁକି ଏହା ତା' ପାଇଁ ଧ୍ୱଂସର କାରଣ ହେବ? କାରଣ ଏହିଭଳି ନମାଜି (ଉପାସନାକାରୀ) ଅନାଥ ଏବଂ ଦରିଦ୍ରମାନଙ୍କର ଧ୍ୟାନ ରଖନ୍ତି ନାହିଁ ଓ ସମାଜର ଶାନ୍ତିକୁ ନଷ୍ଟ କରିବାପାଇଁ ଚେଷ୍ଟା କରିଥାନ୍ତି । ଯଦି ଏହିଭଳି କାର୍ଯ୍ୟ କଳାପ କରିବ ଓ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିବନାହିଁ । ତାହେଲେ ଈଶ୍ୱରଙ୍କ ନିକଟରେ କରୁଥିବା ଉପାସନା ସବୁ ବୃଥା ଯିବ ଓ ଈଶ୍ୱର ଏହିଭଳି ଉପାସନାକୁ ଗ୍ରହଣ କରିନଥାନ୍ତି । ତେବେ ଏହା ହେଉଛି ଇସ୍‌ଲାମ୍‌ର ମୂଳଶିକ୍ଷା ଯେ, ଉପାସନା କର, ନମାଜ ପଢ଼ ଏବଂ ପାଂଚବେଳା ମସ୍‌ଜିଦ୍ ଆସ କିନ୍ତୁ ତା' ସହିତ ମାନବଜାତିର ସେବା ମଧ୍ୟ କର । ମାନବିକ ମୂଲ୍ୟବୋଧକୁ ମଧ୍ୟ ପ୍ରତିଷ୍ଠା କର । ଅତଏବ ଏହା ହେଉଛି ସେହିସବୁ ଜିନିଷ ଯାହାକୁ ଯମାତ୍ ଅହେମଦୀୟା ଏ ଦୁନିଆରେ ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିଚାଲିଛି ଓ ମୁଁ ଏହା ଆଶା ରଖିଛି ଯେ, ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବାପରେ ଏଠି ଅହେମଦୀମାନେ ମଧ୍ୟ ପୂର୍ବଠାରୁ ଅଧିକା ଏପରି ସେବାମୂଳକ କାର୍ଯ୍ୟ କରିବାରେ ଆଗଭର ହେବେ । ଏବେ ଏହି ମସ୍‌ଜିଦ୍‌ଟି ତିଆରି ହେବାପରେ ଆମେ ମାନବଜାତିର ସେବା କୁ ଆହୁରି ଅଧିକା କରିବା ଓ ଅଧିକରୁ ଅଧିକ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା । ଜଣେ ଅନ୍ୟଜଣଙ୍କ ସହିତ ସଦ୍‌ବ୍ୟବହାର କରିବା । ଆମ ମଧ୍ୟରେ ପୂର୍ବଠାରୁ ଅଧିକା ସହିଷ୍ଣୁତା ସୃଷ୍ଟି ହେବ ଓ ଆମେ ଜଣେ ଅନ୍ୟଜଣକ ଧର୍ମର ସମ୍ମାନ ମଧ୍ୟ କରିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ତେଣୁ ଈଶ୍ୱର କରନ୍ତୁ ଯେ, ଏହି ମସ୍‌ଜିଦ୍‌ଟି ଏବେ ଏଠାରେ ବାସ୍ତବିକ ରୂପେ ପ୍ରକୃତ ଇସ୍‌ଲାମ୍‌ର ବାର୍ତାକୁ ପହଂଚାଉ ଓ ଆପଣମାନେ ଏହା ଦେଖିବାକୁ ପାଇବେ ଯେ, ଅହେମଦୀମାନେ ପୂର୍ବାପେକ୍ଷା ଅଧିକ ଏହି ଦେଶର ଓ ଏହି ସହରର ଲୋକମାନଙ୍କର ସେବା କରୁଛନ୍ତି ଓ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରୁଛନ୍ତି ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ପ୍ରତିଷ୍ଠା କରିବାପାଇଁ ଯଥା ସମ୍ଭବ ଚେଷ୍ଟା କରିଚାଲିଛନ୍ତି । ମୁଁ ଦୁଆ କରୁଅଛି ଯେ, ଅଲ୍ଲାଃ ତାଲା ଏମାନଙ୍କୁ ଏପରି କରିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଧନ୍ୟବାଦ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ୬:୪୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ଦୁଆ ପରେ ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କ ସହିତ ରାତ୍ର ଭୋଜନ ଗ୍ରହଣ କଲେ ।

ରାତ୍ର ଭୋଜନ ପରେ କେତେକ ଅତିଥି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲେ ପୁଣି ଫଟୋ ମଧ୍ୟ ଉଠାଇଲେ । ତା'ପରେ ପ୍ରୋଗ୍ରାମ ମୁତାବକ ଏଠାରୁ ବଇତୁସ୍ ସବୁହ୍ ଲେଉଟି ଯିବାପାଇଁ ଯାତ୍ରା ଆରମ୍ଭ ହେଲା । ପୋଲିସ୍ ଏହି ସହରର ରାସ୍ତା ଦେଇ ଯାଉଥିବା ବେଳେ ମୋଟର ୱେ ପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ କାଫିଲାକୁ ଏସ୍‌କର୍ଟ କଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କ କାଫିଲା ଏଠାରୁ ୭:୪୦ ମିନିଟରେ ବାହାରିଲା ଓ ଠିକ୍ ୮:୪୫ ମିନିଟରେ ବଇତୁସ୍ ସବୁହ୍‌ଠାରେ ପହଂଚିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ପଦାର୍ପଣ କରି ମଗ୍‌ରିବ ଏବଂ ଇଶା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଅତିଥିମାନଙ୍କ ମନୋଭାବ ବ୍ୟକ୍ତ**

ହଜୁର ଅନଓ୍ୱର ଅ:ବ:ଅଙ୍କ ଆଜିକାର ଏହି ଅଭିଭାଷଣଟି ଏଠାରେ ସାମିଲ ହୋଇଥିବା ଅତିଥିମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଲା । ବହୁତ ଅତିଥି ନିଜ ନିଜର ମନୋଭାବକୁ ବ୍ୟକ୍ତ କଲେ । ସେମାନଙ୍କ ମଧ୍ୟରୁ କିଛିଙ୍କର ଏଠାରେ ମନୋଭାବକୁ ବ୍ୟକ୍ତ କରାଯାଉଅଛି ।

Miss Kirah Hanemann ସାହିବା ଯାହାଙ୍କ ସମ୍ବନ୍ଧ ପୋଲିସ ବିଭାଗ ସହିତ ଅଛି ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯେତେବେଳେ ଆପଣଙ୍କ ଖଲିଫା ହଲ୍ ଭିତରେ ପ୍ରବେଶ କଲେ ସେତେବେଳେ ମୋ ଉପରେ ଏକ ଅବର୍ଣ୍ଣନୀୟ ଆଧ୍ୟାତ୍ମିକ ଅବସ୍ଥା ଜାରି ହୋଇଗଲା ଓ ମୁଁ ଏକଥା ଭାବୁଛି ଯେ, ତାହା ସେହି ପବିତ୍ର କୁର୍‌ଆନ୍‌ର ଶିକ୍ଷାର ସୌନ୍ଦର୍ଯ୍ୟର ପ୍ରଭାବ ଥିଲା । କୌଣସି ବ୍ୟକ୍ତି ବିଶେଷଙ୍କର ମୋ ଉପରେ ଏଭଳି ପ୍ରଭାବ ପଡ଼ିବା ମୋ ଜୀବନର ଏହା ପ୍ରଥମ ଅନୁଭୁତି ଥିଲା । ସେଥିପାଇଁ ଏବେ ମୋର ଏ ଅଭିଳାଷା ରହିଛି ଯେ, ମୁଁ ଯମାତ୍ ଅହେମଦୟା ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିବି ଓ ଆସନ୍ତା ବର୍ଷର ରମ୍‌ଜାନ ମାସରେ ସମଗ୍ର ମାସଟି ଆପଣମାନଙ୍କ ସହିତ ବିତାଇବି ଯଦ୍ୱାରା ଏହି ଆଧ୍ୟାତ୍ମିକ ଅନୁଭୂତିକୁ ଆହୁରି ଅଧିକ ଶକ୍ତି ମିଳିବ ।

ଆଉ ଜଣେ ଅତିଥି Harald Boensel ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦୀୟାର ଇମାମ୍ ନିଜର ଅଭିଭାଷଣରେ ଯେଉଁଭଳି ଗୋଟିଏ ପ୍ଲାଟଫର୍ମରେ ଏକାଠି ହେବାପାଇଁ ଓ ଆର୍ନ୍ତଜାତିୟ ଶାନ୍ତିକୁ ସ୍ଥାପନ କରିବାପାଇଁ ଆହ୍ୱାନ ଦେଇଛନ୍ତି । ମତେ ଏହା ପୃଥିବୀର ବର୍ତମାନ ପରିସ୍ଥିତିରେ ଅତ୍ୟନ୍ତ ଉପଯୋଗୀ ଲାଗୁଛି କାରଣ ବର୍ତମାନ ଏ ଦୁନିଆକୁ ଏହାର ଆବଶ୍ୟକତା ଅଛି । ଏବଂ ମୁଁ ଏହା ଜାଣିସାରିଛି ଯେ, ଏହା

ପୂର୍ବରୁ ଇସ୍‌ଲାମୀୟ ଶିକ୍ଷା ସମ୍ବନ୍ଧରେ ଯାହା ଆମେ ଜାଣିଥିଲୁ ତାହା ଇସ୍‌ଲାମ୍‌ର ସଠିକ୍ ଛବିକୁ ଉପସ୍ଥାପନ କରୁନାହିଁ । ସେଥିପାଇଁ ଆଜିର ଏହି ସନ୍ଧ୍ୟାଟି ମୋ ପାଇଁ ଏକ ସକରାତ୍ମକ ଓ ଶାନ୍ତିପୂର୍ଣ୍ଣ ବାର୍ତ୍ତା ନେଇ ଆସିଛି ।

ଆଉ ଜଣେ ଅତିଥି Mr. Helmot Kirah ସାହେବ ଯିଏ ସ୍ଥାନିୟ ଏକ ସ୍କୁଲ୍ ତରଫରୁ ପ୍ରତିନିଧିତ୍ୱ କରି ଏହି ସଭାରେ ଆସି ସାମିଲ ହୋଇଥିଲେ । ସେ ନିଜର ମନୋଭାବକୁ ବକ୍ତ କରି କହିଲେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଆଜିର ଏହି ଅଭିଭାଷଣ ପ୍ରତ୍ୟେକ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କୁ ଶୁଣାଇ ପଚାରିବା ଉଚିତ ଯେ, ଆପଣମାନେ ଏହା ଦ୍ୱାରା କଣ ବୁଝିଲେ ଏବଂ ଆପଣମାନଙ୍କ ମତରେ ଏହି ସୁନ୍ଦର ଶିକ୍ଷା କେଉଁ ଧର୍ମର ହୋଇପାରେ, ଅତିକମ୍‌ରେ ମତେ ଆପଣମାନେ ଏହାର ଅଡ଼ିଓ ଓ ଭିଡ଼ିଓ ରେକର୍ଡ଼ିଂ ନିଶ୍ଚିତ ରୂପେ ଯୋଗାଇ ଦିଅନ୍ତୁ । ଯଦ୍ୱାରା ମୁଁ ନିଜ ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କ ସହିତ ଆଜିର ଏହି ସଂନ୍ଧ୍ୟାର କାର୍ଯ୍ୟକ୍ରମ ବିଷୟରେ ସେୟାର କରିପାରିବି ।

ଆଉ ଜଣେ ମହିଳା ଅତିଥି ମିସ୍ ଇରେଗ୍ ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ବ୍ୟକ୍ତିତ୍ୱ ଯେତେ ପବିତ୍ର ଓ ସମ୍ମାନସ୍ପଦ ଏତଦ୍‌ବ୍ୟତିତ ତାଙ୍କ ଅଭିଭାଷଣର ଯେଉଁ ବାକ୍ୟଟି ରହିଛି "ଏ ଯୁଗରେ ଆର୍ନ୍ତଜାତିୟ ଶାନ୍ତି ସ୍ଥାପନ ନିମନ୍ତେ ସର୍ବପ୍ରଥମ ପଦକ୍ଷେପ ହେଉଛି ଏହା କି, ଆମକୁ ନିଜ ନିଜର ହୃଦୟ ଖୋଲିବାକୁ ହେବ ଓ ଅନ୍ୟମାନଙ୍କ ମନୋଭାବ, ଚିନ୍ତାଧାରା ଓ ଆସ୍ଥା ନିମନ୍ତେ ନିଜର ହୃଦୟକୁ ଉନ୍ମୁକ୍ତ କରିବାକୁ ହେବ" । ଏହା ମୋ ମନ ଉପରେ ବହୁତ ପ୍ରଭାବ ପକାଇଲା ।

ଜଣେ ଛାତ୍ର Lucas Goerke କହିଲେ: ଆପଣଙ୍କ ଖଲିଫା ଧର୍ମ ଧର୍ମ ଭିତରେ ଥିବା ସଦ୍‌ଭାବନା ଏବଂ ଆର୍ନ୍ତଜାତିକ ଶାନ୍ତି ସ୍ଥାପନ ଉପରେ ଯେଉଁ କଥାଗୁଡ଼ିକ କହିଲେ, ଯଦି ତା'ଉପରେ ପରିଚାଳିତ ହୁଏ ତେବେ ଏ ସମାଜରେ ସ୍ଥାୟି ଶାନ୍ତି ସ୍ଥାପନ ହୋଇପାରିବ । ମତେ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ସ୍ୱଭାବରେ ବିନମ୍ରତା ଓ ଉଦାର ପଣିଆ ଦେଖି ବହୁତ ଭଲ ଲାଗିଲା ।

ମନପ୍ରିତି ସିଂଘ ସାହେବ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦୀୟାର ଇମାମ୍‌ଙ୍କର ଏହି ହଲ୍ ଭିତରେ ପ୍ରବେଶ କରିବା କ୍ଷଣି ଯେଉଁଭଳି ନୀରବତା ଓ ସମ୍ମାନର ବାତାବରଣ ସୃଷ୍ଟି ହେଲା । ତାହା ଜଣେ ସମ୍ରାଟଙ୍କ ପାଇଁ ଏପରି ସମ୍ମାନ ଲାଗୁଥିଲା । କିନ୍ତୁ ତାଙ୍କ କଥାରେ ଯେଉଁ ପ୍ରଭାବ ଥିଲା ତାହା ସିଧା ହୃଦୟ ଉପରେ ଗଭୀର ପ୍ରଭାବ ପକାଇଲା । ଏକଥା ଏ ଭୌତିକବାଦି ସଂସାରରେ ସାଂସାରିକ ରୂପେ ଯେଉଁ ବଡ଼ ବଡ଼ ବ୍ୟକ୍ତି ବିଶେଷ ଅଛନ୍ତି ସେମାନଙ୍କ ମଧ୍ୟରେ ଦେଖିବାକୁ ମିଳେନାହିଁ । ଖଲିଫାଙ୍କର ଅସ୍ତିତ୍ୱ ଏକ ଆଧାତ୍ମିକ ପ୍ରଭାବ ପକାଉଥିବା ଅସ୍ତିତ୍ୱ ଥିଲା । ସେ ଶାନ୍ତି ସମ୍ବନ୍ଧିୟ କଥା କହିବା ବ୍ୟତିତ ତାଙ୍କ ନିଜ ଅସ୍ତିତ୍ୱରେ ଓ ଚେହେରାରୁ ଶାନ୍ତି ଓ ସ୍ଥିରତା ଝଲକୁ ଥିଲା । ବିଶେଷ ରୂପେ ସେ ଅଶାନ୍ତ ପରିବେଶ ସମୟରେ ସୃଷ୍ଟି ହେଉଥିବା ବାତାବରଣକୁ ପାଶବିକ ପ୍ରବୃତି ସହିତ ଉଦାହରଣ ଦେଲେ । ମତେ ଖଲିଫାଙ୍କର ଅଭିଭାଷଣ ବହୁତ ପସନ୍ଦ ଲାଗିଲା ।

ଏହି ସହର ସହିତ ସଲଗ୍ନ ଥିବା ଆଉ ଏକ ସହରର ମେୟର Werner Diterich ସାହେବ ନିଜର ମନୋଭାବକୁ

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାହଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

## ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍‌ବା ଯୁମାଃ ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

# ସଦକତୁଲ୍ ଫିତର୍ ପଇଠ କରିବା

ଅଲ୍‌ହମ୍‌ଦୁ ଲିଲ୍ଲାଃ ରମଜାନୁଲ୍ ମୁବାରକ୍‌ର ବାବରକତ୍ ପବିତ୍ର ରମ୍‌ଜାନ୍ ମାସ ଏପ୍ରିଲ୍‌ର ଦ୍ୱିତୀୟ ଦଶକରୁ ଆରମ୍ଭ ହେଉଅଛି । ଇସ୍‌ଲାମ୍‌ରେ ଫିତ୍‌ରାନା ପଇଠ କରିବା ପାଇଁ ଏକ ସାଆ ମାପର ଶସ୍ୟ (ଅର୍ଥାତ ପ୍ରାୟ ୨ କିଲୋ ୭୫୦ ଗ୍ରାମ) ଧାର୍ଯ୍ୟ କରାଯାଇଅଛି । ଯମାତ୍‌ର ସଦସ୍ୟମାନେ ସମ୍ପୂର୍ଣ୍ଣ ଶରହ୍ (ମାପ) ସହିତ ପବିତ୍ର ରମ୍‌ଜାନ୍ ମାସ ପୂର୍ବରୁ ବା ଦ୍ୱିତୀୟ ଦଶଦିନ ମଧ୍ୟରେ ହିଁ ସଦକତୁଲ୍ ଫିତର୍ ପଇଠ କରିବା ପାଇଁ ଚେଷ୍ଟା କରନ୍ତୁ ।

ଯେହେତୁ ଭାରତର ପ୍ରଦେଶଗୁଡ଼ିକରେ ଶସ୍ୟ (ଗହମ, ଚାଉଳ)ର ମୂଲ୍ୟ ଅଲଗା ଅଲଗା ରହିଥାଏ ସେଥିଯୋଗୁଁ ନିଜ ସ୍ଥାନୀୟ ମୂଲ୍ୟ ଅନୁସାରେ ଧାର୍ଯ୍ୟ କରାଯାଇଥିବା ଶରହ୍ (୨ କିଲୋ ୭୫୦ ଗ୍ରାମ ଶସ୍ୟ) ମୁତାବକ ଫିତ୍‌ରାନାର ରାଶି/ଅର୍ଥ ପଇଠ କରନ୍ତୁ । ପଞ୍ଜାବ ପ୍ରଦେଶ ପାଇଁ ଏ ବର୍ଷ ମୁଣ୍ଡ ପିଛା ସଦକତୁଲ୍ ଫିତର୍‌ର ଅର୍ଥରାଶି ପଂଚାବନ (୫୫/-) ଟଙ୍କା ଧାର୍ଯ୍ୟ କରାଯାଇଅଛି ।

ସ୍ଥାନୀୟ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ଥିବା କ୍ଷେତ୍ରରେ ସଦକତୁଲ୍ ଫିତର୍‌ର ମୋଟ ଅର୍ଥରାଶିରୁ ନବେ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥରାଶି ମଜ୍‌ଲିସ୍ ଆମେଲାର ପରାମର୍ଶ ଓ ଫଏସଲା ପରେ ବଂଟା ଯାଇପାରିବ । ବାକି ଅର୍ଥରାଶିକୁ ମର୍କଜ୍‌ରେ ଜମା କରିବାକୁ ହେବ । ଯେଉଁ ଯମାତ୍‌ରେ ଗରୀବ ଓ ଅଭାବି ଲୋକ ନଥିବେ ସେହି ଯମାତ୍‌ରୁ ଅସୁଲ୍ କରାଯାଇଥିବା ସମସ୍ତ ଅର୍ଥରାଶି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟାର ଯମାତି ଆକାଉଁଟ୍‌ରେ ରଖିବାକୁ ହେବ ।

ସ୍ପଷ୍ଟ ହେଉ କି ଫିତ୍‌ରାନାର ଅର୍ଥରାଶି ମସ୍‌ଜିଦ୍ ଇତ୍ୟାଦିର ଆବଶ୍ୟକତା କାର୍ଯ୍ୟରେ ଖର୍ଚ୍ଚ କରିବାର ଅନୁମତି ନାହିଁ ।

# ଇଦ୍ ଫଣ୍ଡ

ଏହି ଚାନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟରୁ ପ୍ରଚଳନ । ଏହି ଫଣ୍ଡର ଉଦ୍ଦେଶ୍ୟ ଏହା ଥିଲା କି ଯେଉଁଠି ଖୁସି ଓ ଆନନ୍ଦ ଅବସରରେ ମଣିଷ ନିଜର ଖୁସି ପାଇଁ ପୋଷାକ, ଖାଦ୍ୟପେୟ ଏବଂ ଦାଓ୍ତ (ନିମନ୍ତ୍ରଣ) ଇତ୍ୟାଦିରେ ଅନେକ ଖର୍ଚ୍ଚ କରିଥାଏ ଓ ଅନ୍ୟମାନଙ୍କୁ ଉପହାର ମଧ୍ୟ ଦେଇଥାଏ, ସେଠି ସେହି ଖୁସି ସମୟରେ ଦୀନ (ଧର୍ମ)ର ଆବଶ୍ୟକତାକୁ ମଧ୍ୟ ମନେରଖୁ । ଅହେମଦୀମାନେ ତ ବୟତ୍‌ରେ ଏ ପ୍ରତିଜ୍ଞା କରିଛନ୍ତି ଯେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବେ । ତେଣୁ ପ୍ରତ୍ୟେକ ଅହେମଦୀଙ୍କଠାରୁ ଏ ଆଶା କରାଯାଉଅଛି ଯେ ସେ ଖୁସି ଓ ଆନନ୍ଦର ଉତ୍ସବ ଅବସରରେ ଧର୍ମର ଆବଶ୍ୟକତାକୁ ନିଶ୍ଚିତ ରୂପେ ମନେରଖୁ । ଏହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଯୁଗରେ ଏଥିପାଇଁ ରୋଜଗାର କରୁଥିବା ଅହେମଦୀମାନେ ମୁଣ୍ଡ ପିଛା ଏକଟଙ୍କା ଦେଉଥିଲେ । ଯାହା ସେ ସମୟ ଅନୁସାରେ ବହୁତ ବଡ଼ ଅର୍ଥରାଶି ଥିଲା । ଏବେ ଯେହେତୁ ଆଗକୁ ଇଦୁଲ୍ ଫିତର୍ ଆସୁଅଛି ତେଣୁ ନିଜର ସାମର୍ଥ୍ୟ ଅନୁସାରେ ସେହି ଇଦ୍ ଦିନ୍ ମଧ ଅଧିକରୁ ଅଧିକ ଅର୍ଥରାଶି ଏହି ବିଭାଗରେ ପଇଠ କରାଯାଉ । ଇଦ୍ ଫଣ୍ଡକୁ ଇଦ୍ ପୂର୍ବରୁ କୌଣସି ମଧ ସମୟରେ ପଇଠ କରାଯାଇପାରିବ । ଏହା ହେଉଛି ମର୍କଜି ଚାନ୍ଦା । ତେଣୁ ସବୁତକ ଅର୍ଥ ସଦର୍ ଅଞ୍ଜୁମନ୍ ଅହେମଦୀୟାର ଖଜାନାରେ ଜମା ହେବା ଜରୁରୀ । ଏହି ଅର୍ଥରାଶି ସ୍ଥାନୀୟ ଯମାତ୍‌ରେ ଖର୍ଚ୍ଚ କରିବାକୁ ଅନୁମତି ନାହିଁ । ଜଯାକମୁଲ୍ଲାଃ

**(କାଏମ୍ ମକାମ୍ ନାଜିର ବୟତୁଲ୍ ମାଲ୍ ଆମଦ୍ କାଦିଆନ୍)**

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ବ୍ୟକ୍ତ କରି କହିଲେ: ଖଲିଫା ସାହେବ ତାଙ୍କ ଅଭିଭାଷଣରେ ଯେଉଁ ଭାଷାକୁ ଚୟନ କରି ବ୍ୟବହାର କଲେ ତାହା ମତେ ଆଶ୍ଚର୍ଯ୍ୟ କରିଦେଲା । ତାଙ୍କର କଥା କହିବାର ଶୈଳୀରେ ଥିବା ସ୍ଥିରତା ଓ ଶାନ୍ତି ପୂର୍ଣ୍ଣ ଶବ୍ଦ ସଂଯୋଜନା ତାଙ୍କର ବାର୍ତାକୁ ଅତି ସୁନ୍ଦରରୂପେ ପରିପ୍ରକାଶ କରୁଥିଲା । ସେ ଦୁଇପକ୍ଷର ସମ୍ପର୍କରେ ଥିବା ତର୍ଜମାକୁ ଉପସ୍ଥାପନ କଲେ ଓ ପରିବେଶରେ ଯେଉଁ ଟଣାଓଟରା ଚାଲିଛି ତାହାର କାରଣ ମଧ୍ୟ ଖୋଲି ବତାଇଲେ ଓ ଏକଥା ମଧ୍ୟ ଖୋଲାଖୋଲି ଭାବେ ଚିହ୍ନିତ କରିଦେଲେ ଯାହା ସମାଜର ଶାନ୍ତିକୁ ବର୍ବାଦ କରୁଅଛି । କିନ୍ତୁ ଏହା ସତ୍ୱେ ମଧ୍ୟ କୌଣସି ଗୋଷ୍ଠୀ, ସମ୍ପ୍ରଦାୟ ବା ଫିର୍କାର ଆତ୍ମସମ୍ମାନ ଉପରେ କୌଣସି ପ୍ରକାର ଆକ୍ଷେପ କରିଲେ ନାହିଁ । ବରଂ ଆର୍ନ୍ତଜାତିକ ମାନବିକ ମୂଲ୍ୟବୋଧ ପ୍ରସଙ୍ଗରେ Food for thought ଶୈଳୀରେ କଥା କହି ଚାଲିଲେ ଓ ନିଜ ଭାଷଣର ପରିସମାପ୍ତି ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ମଙ୍ଗଳକାମନା କରି ସମାପ୍ତ କଲେ ।

Miss Sybille ସାହିବା କହୁଛନ୍ତି: ଯମାତ୍ ଅହେମଦୀୟାର ଇମାମ୍ ମାନବଜାତିକୁ ଉପଦେଶ ଦେବାପାଇଁ ମଧ୍ୟ ଏବଂ ସୁଚିତ କରିବାପାଇଁ ମଧ୍ୟ ଯେଉଁ ଶବ୍ଦଗୁଡ଼ିକୁ ଚୟନ କରିଛନ୍ତି ତାହାକୁ ଅତ୍ୟନ୍ତ ସନ୍ତର୍ପଣତାର ସହିତ ଚୟନ କରିଛନ୍ତି ଓ କହିବାର ଶୈଳୀ ମଧ୍ୟ ଅତ୍ୟନ୍ତ ନମ୍ର ଓ ଧିର ରଖିଛନ୍ତି । ତାଙ୍କ ବ୍ୟକ୍ତିତ୍ୱ ପରି ତାଙ୍କର ଶବ୍ଦଗୁଡ଼ିକ ଓ କଥା କହିବାର ଶୈଳୀ ମଧ୍ୟ ଅତ୍ୟନ୍ତ ନମ୍ର ଓ ଶାନ୍ତି ପ୍ରୀୟ ଥିଲା । ତାଙ୍କ ଭାଷଣ ପୂର୍ବରୁ ମତେ ତାଙ୍କ ଅସ୍ତିତ୍ୱରୁ ଯେଉଁ ପବିତ୍ରତା ଏବଂ ଜ୍ୟୋତିର ଅନୁଭବ ହେଉଥିଲା ତାହା ତାଙ୍କ କଥାରୁ ପ୍ରମାଣିତ ହୋଇଗଲା । ପୁଣି ସେ ମହିଳା ଅତିଥିଜଣକ କହିଲେ ଯେ, ଆପଣମାନେ ବହୁତ ଉଚ୍ଚକୋଟୀର ଓ ସୁନ୍ଦର ଶୈଳୀରେ ଏହି ନିମନ୍ତ୍ରଣର ବ୍ୟବସ୍ଥା କରିଛନ୍ତି ଓ ସେହି ସୁନ୍ଦରତାକୁ ଯମାତ୍ ଅହେମଦୀୟାର ଇମାମ୍ ସ୍ୱୟମ ଏଥିରେ ସାମିଲ ହୋଇ ବହୁତ ବଢ଼ାଇ ଦେଇଛନ୍ତି । ମୁଁ ଅନବରତ ଏକଥା ଭାବୁଥିଲି ଯେ, କେବଳ ସାଢ଼େ ଚାରିଶହ ଲୋକଙ୍କ ସହିତ ସାକ୍ଷାତ କରିବାପାଇଁ ଓ ତାହା ମଧ୍ୟ ସମାଜର ସମସ୍ତ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଲୋକମାନଙ୍କ ସହିତ ସାକ୍ଷାତ କରିବାପାଇଁ ଯଦି ପୋପ୍‌ଙ୍କୁ ନିମନ୍ତ୍ରଣ କରାଯାଇଥାନ୍ତା ତାହେଲେ କ'ଣ ସେ ଏତେ ଲମ୍ବା ଯାତ୍ରା ଅତିକ୍ରମ କରି ସାକ୍ଷାତ କରିବାକୁ ଆସିଥାନ୍ତେ କି ? ମୋ ମନ ଭିତରେ ଏହିଭଳି କଥା ସୃଷ୍ଟି ହେବା ପରେ ଯମାତ୍ ଅହେମଦୀୟାର ପ୍ରଭାବ ବହୁତ ଅଧିକ ମୋ ମନ ଉପରେ ପଡ଼ିଲା । ମୁଁ ଭାବୁଛି ଯେ, ଯଦି ଧାର୍ମିକ ନେତା ହେବାର ଅଛି ତେବେ ତାହା ଯମାତ୍ ଅହେମଦୀୟାର ଖଲିଫାଙ୍କ ଭଳି ହେବା ଉଚିତ ଯିଏ ସାଧାରଣ ଲୋକମାନଙ୍କ ପର୍ଯ୍ୟନ୍ତ ନିଜର ସମ୍ପର୍କକୁ ଯୋଡ଼ି ରଖିପାରୁଥିବେ ।

Miss Oschkinis ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ଯମାତ୍ ଅହେମଦୀୟାର ଇମାମ୍ ଯେତେବେଳେ କଥା ହେଉଛନ୍ତି ସେତେବେଳେ ନିଜ କଥାକୁ ବୁଲେଇ ବଙ୍କେଇ କହୁନାହାନ୍ତି ବରଂ ସିଧା ସିଧା ସ୍ପଷ୍ଟ ଭାବରେ ସଫାସଫା ସତ୍ୟ କଥା କହୁଛନ୍ତି । ଓ କଥାକୁ ପ୍ରଭାବଶାଳୀ କରିବାପାଇଁ ନିଜର ବକ୍ତବ୍ୟ ଶୈଳୀକୁ ଶକ୍ତ ହେବାକୁ ଦେଉନାହାନ୍ତି । ତାଙ୍କର ଏହିଭଳି ଶାନ୍ତିପୂର୍ଣ୍ଣ କଥା ବିଶ୍ୱାସଯୋଗ୍ୟ ଲାଗୁଛି । କାରଣ ତାଙ୍କ ମଧ୍ୟରେ ମାନବଜାତି ପାଇଁ ସଚ୍ଚା ଏବଂ ନିଃସ୍ୱାର୍ଥପର ସହାନୁଭୂତି ମିଳୁଅଛି ଏବଂ ତାଙ୍କ ସହିତ କାମ କରୁଥିବା କର୍ମୀମାନେ ମଧ୍ୟ ବିନା କୌଣସି ଅର୍ଥ ନେଇ ନିଃସ୍ୱାର୍ଥପର ଭାବରେ ଏତେବଡ଼ ପ୍ରୋଗ୍ରାମକୁ ସମ୍ପାଦନ କରୁଅଛନ୍ତି । ମତେ ଲାଗୁଛି ଯେ, ଏ ସମାଜରେ ସ୍ଥାୟୀ ଶାନ୍ତି ସ୍ଥାପନ ନିମନ୍ତେ ଏବଂ ମାନବିକ ମୂଲ୍ୟବୋଧକୁ ସ୍ଥାପନ କରିବାପାଇଁ ଏହିଭଳି ପରିଶ୍ରମି ଯମାତ୍ ଓ ଏହିଭଳି ଭରଷାଯୋଗ୍ୟ ଓ ନିଃସ୍ୱାର୍ଥପର ସହାନୁଭୂତି ଦେଖାଉଥିବା ଲିଡ଼ରଙ୍କର ଆବଶ୍ୟକତା ରହିଛି ।

Dr. Koehler ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ଏହା ବହୁତ ପ୍ରଭାବିତ କରିଛି ଯେ ଆପଣଙ୍କ ଇମାମ୍ କେଡ଼େ ଉଦାର ହୃଦୟ ସମ୍ପନ୍ନ ବ୍ୟକ୍ତି ଅଟନ୍ତି ଓ ସେ ଏହି କଥାକୁ କହୁଥିଲେ ଯେ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠ କରିବା ପାଇଁ ନିଜର ହୃଦୟକୁ ଖୋଲିବାକୁ ପଡ଼ିବ ଓ ସଂଶୟକୁ ଦୂର କରିବାକୁ ହେବ । ସେହିପରି ଆପଣଙ୍କ ଯମାତ୍‌ର ଲୋକମାନେ ମଧ୍ୟ ବହୁତ ପୂଣ୍ୟ ଓ ଉଚ୍ଚ ଚରିତ୍ରସମ୍ପନ୍ନ ଅଟନ୍ତି । ମୁଁ ମଧ୍ୟ ମୋ ଡ଼ାକ୍ତର ଖାନାରେ ଏ ଚେଷ୍ଟା କରିଥାଏ ଯେ କିପରି ଆନ୍ତର୍ଜାତିକ ସଦ୍‌ଭାବନା ବଢୁ ଓ ଲୋକମାନଙ୍କୁ ଆଧ୍ୟାତ୍ମିକତାରୁ ଶାନ୍ତି ମିଳୁ । ମତେ ଆଜି ଏହି ସଭାରେ ସେହି ଶାନ୍ତି ଓ ସୌହାର୍ଦ୍ଦ୍ୟ ଦେଖିବାକୁ ମିଳିଲା । ମତେ ବହୁତ ଖୁସି ଲାଗୁଛି ଯେ ମତେ ଏଠାରେ ସାମିଲ ହେବା ପାଇଁ ମୌକା ମିଳିଲା ।

Harald Boensel ସାହେବ କହୁଛନ୍ତି: ହଜୁର ନିଜର ଭାଷଣକୁ ବହୁତ ସୁନ୍ଦର ଭାବରେ ଉପସ୍ଥାପନ କଲେ । ମୁଁ ଏହି ସଭାରୁ ବହୁତ କିଛି ଶିଖିବାକୁ ପାଇଲି । ଆମ ସମସ୍ତଙ୍କ ମଧ୍ୟରେ ଯେଉଁ କଥାର ସମାନତା ରହିଛି, ସେହି କଥାକୁ ଉପସ୍ଥାପନ କରାଗଲା ଓ ସ୍ଥାୟୀ ଶାନ୍ତି ସ୍ଥାପନା ନିମନ୍ତେ ଲୋକମାନଙ୍କ ଏକତା ଜରିଆରେ ଜଣେ ଅନ୍ୟଜଣଙ୍କ ନିକଟତର ହେବା ପାଇଁ ମାର୍ଗ ଉନ୍ମୁକ୍ତ କରାଗଲା । ମୁଁ ଏକଥା ଭାବୁଛି ଯେ ଇସ୍‌ଲାମ୍ ସମ୍ବନ୍ଧରେ ଆମର ସାଧାରଣ ଭାବେ ଯେଉଁ ଚିନ୍ତାଧାରା ରହିଛି, ତାହା ଠିକ୍ ନୁହେଁ । ଆମକୁ ଇସ୍‌ଲାମ୍‌ର ଇମାମ୍ ଯମାତ୍ ଅହେମଦୀୟାଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ପଏଂଟର ଆଲୋକରେ ଦେଖିବାର ଆବଶ୍ୟକତା ରହିଛି ।

Sonja Schmidt ସାହିବା କହିଲେ: ମୁଁ ହୃଦୟା ଗଭୀରତମ ପ୍ରଦେଶରୁ ହଜୁରଙ୍କୁ କୃତଜ୍ଞତା ଜଣାଉଛି । ହଜୁର ସେହି ସବୁକଥା କହିଲେ ଯାହା ମୋ ଆତ୍ମା ଭିତରେ ମହଜୁଦ୍ ଥିଲା । ସେ ସେହି ଆଧ୍ୟାତ୍ମିକ ସତ୍ୟତାର ମଧ୍ୟ ପରିପ୍ରକାଶ କଲେ ଏବଂ ଆଜିକାର ନୂଆ ଯୁଗରେ ତାହା ପ୍ରଯୁଜ୍ୟ ହେବା ପ୍ରମାଣିତ କରି ଦେଖାଇଲେ । ମୁଁ ଯଦିଓ ଖ୍ରୀଷ୍ଟିଆନ୍ କିନ୍ତୁ ମୁଁ ନିଜକୁ ଜଣେ ମୁସଲମାନ ପରି ଏହି ଭାଷଣକୁ ବୁଝିଛି ।

ଆଉ ଜଣେ ମହିଳା Miss Peiv ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ । ମତେ ଆପଣଙ୍କ ଖଲିଫା ଜଣେ ଚମତ୍କାର ବ୍ୟକ୍ତି ବିଶେଷ ରୂପେ ଜଣାଗଲେ । ମୁଁ ଏହା ମନସ୍ଥ କରି ଆସିଥିଲି ଯେ ମୁଁ ଏଠାରେ କିଛି କ୍ଷଣମାତ୍ର ରହିବି ଓ ଯଥାଶିଘ୍ର ଫେରିଯିବି । କାରଣ ମୋର ଚାରିଜଣ ସନ୍ତାନ / ପିଲା ଅଛନ୍ତି ଓ ମୋ ଭଉଣୀ ଆଜି ସେମାନଙ୍କର ଧ୍ୟାନ ରଖୁଛନ୍ତି । କିନ୍ତୁ ମୁଁ ଏବେ ତାଙ୍କୁ ମେସେଜ୍ କରିଦେଇଛି ଯେ ମୁଁ କିଛି ଅଧିକା ସମୟ ଏଠାରେ ରହିବି କାରଣ ମୁଁ ହଜୁରଙ୍କର ସମ୍ପୂର୍ଣ୍ଣ ଭାଷଣକୁ ଶୁଣିବାକୁ ଚାହୁଁଛି । ହଜୁରଙ୍କ ଉପସ୍ଥିତିରେ ଏଠାରୁ ଉଠିଯିବା ଅସମ୍ଭବ ।

ଜଣେ ଶିକ୍ଷକ Ben Elm ସାହେବ କହୁଛନ୍ତି: ମୁଁ ହଜୁରଙ୍କ ଭାଷଣରୁ ବହୁତ ପ୍ରଭାବିତ ହୋଇଛି । ବିଶେଷ ରୂପେ ଏଥିଯୋଗୁଁ ଯେ ହଜୁର କୌଣସି ଏପରି ଭାଷଣ ପଢ଼ି ଶୁଣାଇଲେ ନାହିଁ ଯାହା ପୂର୍ବରୁ ପ୍ରସ୍ତୁତ ହୋଇଥିବ । ବରଂ ଅନ୍ୟ ଅତିଥିମାନଙ୍କ ଭାଷଣକୁ ମଧ୍ୟ ସେ ନିଜ ଭାଷଣରେ ସାମିଲ କଲେ । ଶାନ୍ତିର ଯେଉଁ ବାର୍ତା ଏବଂ ଧର୍ମର ଯେଉଁ ଦାୟିତ୍ୱ ରହିଛି, ସେ ସବୁ ବିଷୟରେ ଆପଣଙ୍କ ଖଲିଫା ନିଜର ବକ୍ତବ୍ୟରେ ବର୍ଣ୍ଣନା କଲେ । ଏହା ହିଁ ସମାଜରେ ବାସ୍ତବିକ ଶାନ୍ତି ସ୍ଥାପନର ଜାମିନ୍ ଅଟେ ।

ଜର୍ମାନୀର ପ୍ରଶିଦ୍ଧ ଟିଭି ଚ୍ୟାନେଲ୍ ଏବଂ ରେଡ଼ିଓ ଷ୍ଟେଶନ୍‌ର ଏଡ଼ିଟର୍ Miss Klostermanଜିର ମନୋଭାବକୁ ବ୍ୟକ୍ତ କରି କହିଲେ: ଆପଣଙ୍କ ଖଲିଫାଙ୍କର କଥା / ବାକ୍ୟଗୁଡ଼ିକ ଜ୍ଞାନ ଓ ବୁଦ୍ଧିମତାରେ ଭରି ରହିଥିଲା ।

ଜଣେ ରାଜନୈତିକ ପ୍ରତିନିଧି Elvira Mihm ସାହିବା କହିଲେ: ମତେ ଏହି ସବୁ ପ୍ରୋଗ୍ରାମଗୁଡ଼ିକ ବହୁତ ଭଲ ଲାଗିଲା । ଆପଣଙ୍କ ଖଲିଫା ଜଣେ ଚିତାକର୍ଷକ ବ୍ୟକ୍ତିତ୍ୱର ଅଧିକାରୀ ଏବଂ ତାଙ୍କୁ ଦେଖି ଏକ ବିଶେଷ ପ୍ରକାରର ସମ୍ମାନ ସୃଷ୍ଟି ହେଉଅଛି । ତାଙ୍କ ଭାଷଣ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ସହିତ ସମାନ ଥିଲା ।

Thomain ସାହିବା କହୁଛନ୍ତି: ମୁଁ ଖଲିଫାଙ୍କ ଅସ୍ତିତ୍ୱକୁ ଜଣେ ଆଧ୍ୟାତ୍ମିକ ପ୍ରଭାବଶାଳୀ ବ୍ୟକ୍ତି ରୁପେ ପାଇଲି । ସାରା ପ୍ରୋଗ୍ରାମରେ ମୋ ଏହି ଅନୁଭୁତି ରହିଲା । ହଜୁରଙ୍କ ଅସ୍ତିତ୍ୱରେ ମତେ ସହଜପଣ ଦୃଷ୍ଟିଗୋଚର ହେଲା ଏବଂ ତାଙ୍କ ଭାଷଣରେ ମଧ୍ୟ ସାମାଜିକ ବିଶ୍ଳେଷଣ ଓ ଆଧୁନିକ ଯୁଗରେ ମାନବିକ ମୂଲ୍ୟବୋଧର ମହତ୍ୱ ପରିପ୍ରକାଶ ହେଉଥିଲା । ବିଶେଷ ରୂପେ ଏକଥା ଯେ ସେ ଅନ୍ୟମାନଙ୍କ ଭାଷଣକୁ ନିଜ ଭାଷଣରେ ସାମିଲ୍ କରୁଥିଲେ ଓ ଅନ୍ୟମାନଙ୍କ ଦ୍ୱାରା ପ୍ରଦତ ପଏଂଟଗୁଡ଼ିକୁ ମଧ୍ୟ ନିଜ ଭାଷଣରେ ବର୍ଣ୍ଣନା କଲେ ।

Daniela Otterwein ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ହଜୁର ବହୁତ ଭଲ ଲାଗିଲେ ଓ ମୁଁ ଏହାକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ ଯେ ହଜୁର କେଡ଼େ ମହାନ୍ ବ୍ୟକ୍ତି ବିଶେଷ । ହଜୁର ହେଉଛନ୍ତି ଏପରି ଜଣେ ବ୍ୟକ୍ତି ବିଶେଷ ଯାହାଙ୍କଠାରୁ ଜ୍ୟୋତି ହିଁ ଜ୍ୟୋତି ପ୍ରକାଶ ହେଉଅଛି । ମୁଁ ଏହା ପୂର୍ବରୁ ଇସ୍‌ଲାମ୍ ବିଷୟରେ କିଛି ଜାଣି ନଥିଲି । ମୋ ପାଇଁ ହଜୁରଙ୍କ ଅସ୍ତିତ୍ୱ ହେଉଛି ଇସ୍‌ଲାମ୍‌ର ପ୍ରଥମ ପରିଚୟ ଯାହା ମତେ ବହୁତ ଆକର୍ଷଣୀୟ ଲାଗିଲା ।

ଜଣେ ଅତିଥି ଯିଏ ପେଶାରେ ଶିକ୍ଷକ, ସେ ମଧ୍ୟ ଏହି ସଭାରେ ସାମିଲ ହୋଇଥଲେ । ସେ କହିଲେ: ଇସ୍‌ଲାମ୍‌କୁ ବିଲକୁଲ୍ ଏହିପରି ଜଣେ ଲିଡ଼ରଙ୍କର ଆବଶ୍ୟକ୍ତା ରହିଛି ଫଳତଃ ସମସ୍ତ ଧର୍ମ ମଧ୍ୟରେ ଥିବା କନ୍ଦଳ ଶେଷ ହୋଇଯିବ । ଆପଣଙ୍କ ଖଲିଫା କେବଳ ଲିଡ଼ର ନୁହନ୍ତି ବରଂ ଜଣେ ଉଚ୍ଚ ଶିକ୍ଷିତ ଓ ଜ୍ଞାନୀଗୁଣି ବ୍ୟକ୍ତି ବିଶେଷ ଅଟନ୍ତି । ମୁଁ ଇଂଟରନେଟ୍‌ରୁ ତାଙ୍କ ସମ୍ବନ୍ଧରେ ଜାଣିବାକୁ ପାଇଲି । ସେ ଜଣେ ବହୁତ ଭଲ ବକ୍ତା ।

ଆଉ ଜଣେ ଅତିଥି Oliver Weissen Berger ସାହେବ କହିଲେ: ମୁଁ ବହୁତ ପ୍ରଭାବିତ ହେଲି ଓ ଆମର ଆଥିତ୍ୟତା ବହୁତ ସୁନ୍ଦର ଭାବରେ କରାଗଲା । ଇମାମ୍ ଯମାତ୍ ଅହେମଦିୟାଙ୍କ ବ୍ୟକ୍ତିତ୍ୱ ବହୁତ ପ୍ରଭାବଶାଳୀ ଥିଲା । ମୁଁ ଏଠାରେ ଉପସ୍ଥିତ ଥିବା ଯୋଗୁଁ ବହୁତ ଆନନ୍ଦିତ । ଯମାତ୍ ଅହେମଦିୟାର ଇମାମ୍ ଶାନ୍ତିର ପ୍ରଶଂସନୀୟ ବାର୍ତା ଦେଇଛନ୍ତି । ଯାହା ଏବେ ଏ ଦୁନିଆକୁ ଆବଶ୍ୟକ । ଆ ପୂର୍ବରୁ ମୋର ଏ ଚିନ୍ତାଧାରା ଥିଲା ଯେ ଇସ୍‌ଲାମ୍ ଅନ୍ୟ ଧର୍ମକୁ ବରଦାସ୍ତ କରେନାହିଁ ବୋଲି କିନ୍ତୁ ଖଲିଫା ଏକଥାକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କଲେ ଓ ପ୍ରମାଣ ଦେଇ ନିଜର ରାୟ ପେଶ୍ କଲେ ।

**୨୧ ଅକ୍ଟୋବର ୨୦୧୯**

ହଜୁର ଅନଓ୍ୱର ଅ:ବ:ଅ ଭୋର ୭.୦୦ରେ ବଇତୁସ୍ ସବୁହ୍ ଠାରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜି ପ୍ରୋଗ୍ରାମ ମୁତାବକ ବଇତୁସ୍ ସବୁହ୍ ଫ୍ରାଙ୍କଫ୍‌ଟଠାରୁ ବର୍ଲିନ୍ ନିମନ୍ତେ ଯାତ୍ରା କରିବାର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ସକାଳ ୧୧:୩୦ରେ ନିଜର ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ କିଛି ସମୟ ପାଇଁ ମସ୍‌ଜିଦ୍‌ର ହଲ୍ ଭିତରକୁ ଗଲେ ଯେଉଁଠି ତାଲିମୁଲ୍ ଇସ୍‌ଲାମ୍ କଲେଜ୍ ରବ୍‌ୱାର ଓଲଡ୍ ଷ୍ଟୁଡ଼େଂଟ (Old Students)ର ବ୍ୟବସ୍ଥାପନଗଣ, ତାରିଖି କମିଟି ଏବଂ ଅଖ୍‌ବାର ଅହେମଦୀୟା ଜର୍ମାନୀର ବ୍ୟବସ୍ଥାପକଗଣ ଅଲଗା ଅଲଗା ଦଳଗତ ଭାବରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଦେବାପାଇଁ ଯମାତ୍‌ର ଆବାଳବୃଦ୍ଧବନିତା ବହୁ

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 06-13 May 2021 Issue No. 18-19

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୨୦ ଅକ୍ଟୋବର ୨୦୧୯ (ରବିବାର)**

**ରିପୋର୍ଟର ବଳକାଅଂଶ**

**ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ଠିକ୍ ୬:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅ ତଶ୍‌ହୁଦ୍, ତଉଜ୍ ଏବଂ ତସ୍‌ମିୟା ପାଠ କରିବା ପରେ କହିଲେ,

ସମ୍ମାନସ୍ପଦ ଅତିଥିଗଣ ! ଅସ୍ ସଲାମୁ ଅଲୈକୁମ୍ ଓ୍ୱ ରହମତୁଲ୍ଲାଃ ହି ଓ୍ୱ ବରକାତୁହୁ ଈଶ୍ୱରଙ୍କର କୃପା ଓ ଦୟା ଆପଣମାନଙ୍କ ଉପରେ ହେଉ । ସର୍ବପ୍ରଥମେ ମୁଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି ଯେ, ଆଜି ଆମର ଏହି ମସ୍‌ଜିଦ୍‌ର ସମାରୋହରେ ଆପଣମାନେ ଆସି ଯୋଗ ଦେଇଛନ୍ତି । ଯମାତ୍ ଅହେମଦୀୟା ପାଇଁ ତ ଏହା ନିଶ୍ଚିତ ରୂପେ ବହୁତ ଖୁସୀର ଅବସର ବିଶେଷ ରୂପେ ଫୁଲ୍‌ଡ଼ାର ଲୋକମାନଙ୍କ ପାଇଁ କାରଣ ଅଲ୍ଲାଃ ତାଲା ସେମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ ହେବାପାଇଁ, ଗୋଟିଏ ସ୍ଥାନରେ ନମାଜ ପାଠ କରିବାପାଇଁ ଗୋଟିଏ ସ୍ଥାନ ଉପଲବ୍ଧ କରାଇଦେଲେ । ଏବେ ସେମାନେ ବହୁତ ସୁବିଧାର ସହିତ ଏହି ମସ୍‌ଜିଦ୍‌ରେ ନିଜର ଶିକ୍ଷା ମୁତାବକ ପାଚଂବେଳା ନମାଜ ପାଠ କରିବାପାଇଁ, ଉପାସନା କରିବାପାଇଁ ଏକତ୍ରିତ ହୋଇପାରିବେ । କିନ୍ତୁ ଏହି ଉପାସନାର ପୀଠକୁ, ଏହି ମସ୍‌ଜିଦ୍‌ର ନିର୍ମାଣକୁ ନିଶ୍ଚିତ ବନାଇବାକୁ ହେଲେ ଏଠିକାର ଲୋକମାନଙ୍କର ବହୁତ ବଡ଼ ଭୂମିକା ରହିଛି । ଏ ଦୃଷ୍ଟିକୋଣରୁ ମୁଁ ଆପଣ ସମସ୍ତଙ୍କର ଏବଂ ଏହି ସହରର ଲୋକମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ, ଆପଣମାନେ ଏଠାରେ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନୁମତି ଦେଲେ । କାଉନ୍‌ସିଲ୍‌କୁ ମଧ୍ୟ ଧନ୍ୟବାଦ ଜଣାଉଛି ଓ ମେୟରଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି ନିର୍ମାଣ କାର୍ଯ୍ୟରେ ଆମକୁ ସାହାଯ୍ୟ କରିଛନ୍ତି । ମତେ ଅନେକ ଚେହେରା ଦେଖାଯାଉଛନ୍ତି ବରଂ ଏଠାରେ ଉପସ୍ଥିତ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଲୋକେ ଅହେମଦୀ ତ ନୁହନ୍ତି, ବୋଧ ହୁଏ ସେମାନେ ମୁସଲମାନ ମଧ୍ୟ ନୁହନ୍ତି । ବୋଧ ହୁଏ ଅହେମଦୀମାନଙ୍କ ବ୍ୟତିତ ଜଣେ ଦୁଇଜଣ ମୁସଲମାନ ଥିବେ । ଆପଣମାନଙ୍କର ଏଠାକୁ ଆସିବା ଏହା ସୁଚାଉଛି ଯେ, ଆପଣଙ୍କର ମନ ବହୁତ ଖୋଲା । ଏହି ସହର, ଯାହାର ଇତିହାସ ଏକଥା ବତାଉଛି ଯେ, ଏଠାରେ ଖ୍ରୀଷ୍ଟିଆନ୍ ଧର୍ମ ବହୁତ ପୁରୁଣା ତେଣୁ ଏ ଦୃଷ୍ଟିକୋଣରୁ ଏହି ସ୍ଥାନର ଏକ ଐତିହାସିକ ଭିତିଭୂମି ରହିଛି । ଏଠାରେ ମସ୍‌ଜିଦ୍ ନିର୍ମାଣ କରିବା ହେଉଛି ଏପରି ଏକ କାର୍ଯ୍ୟ ଯେଉଁଠି ଇସାଇ ଧର୍ମର ଲୋକମାନେ ବସବାସ କରୁଛନ୍ତି ତେଣୁ ସେମାନଙ୍କର ଉଦାର ହୃଦୟ ଓ ଖୋଲାମନକୁ ପରିପ୍ରକାଶ କରୁଅଛି ଓ ଏଥିରୁ ଜଣାପଡୁଛି ଯେ, ଆପଣମାନେ ସବୁଧର୍ମ ସହିତ ମିଳିମିଶି ରହିବାକୁ ଚାହୁଁଛନ୍ତି । ଏବେ ରାଉଣ୍ଡ ଟେବୁଲ୍ ବୈଠକରେ ଜଣେ ପ୍ରତିନିଧି ଏକଥା ବତାଇଲେ ଯେ, ଏଠାରେ ଶହେରୁ ଅଧିକା କମ୍ (ଜାତି)ର ଲୋକେ ବସବାସ କରୁଛନ୍ତି ଓ ଅନେକ ଧର୍ମର ଅନୁଗାମୀମାନେ ଏଠାରେ ରହୁଛନ୍ତି । ଏ ସମସ୍ତଙ୍କର ଏଠାରେ ବସବାସ କରିବା ଏଠିକାର ଇସାଇ ଲୋକମାନଙ୍କର ଉଦାର ମନଭାବକୁ ପରିପ୍ରକାଶ କରୁଅଛି । ସେଥିପାଇଁ ମୁଁ ପୁର୍ନବାର ଆପଣମାନଙ୍କୁ ଧନ୍ୟବା ଜଣାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ବର୍ତମାନ ଯୁଗରେ ଏ ପୃଥିବୀ ଏକ ହୋଇଯାଇଛି । ଯୋଗାଯୋଗର ମାଧ୍ୟମ ଦ୍ୱାରା, ଖବର କାଗଜ ଓ ପତ୍ରିପ୍ରତ୍ରିକା ଜରିଆରେ, ଟେଲିଭିଜନ ମାଧ୍ୟମରେ, ଇଂଟରନେଟ୍ ଏବଂ ଟ୍ରାନ୍‌ସପୋର୍ଟର ର ସାଧନ ଦ୍ୱାରା ଏ ପୃଥିବୀ ଏକ ହୋଇସାରିଛି ଆଜିଠାରୁ କିଛି ଦଶକ ପୂର୍ବେ ବା ୧୦୦ ପୂର୍ବେ ଯେଉଁ ଯାତ୍ରା କରାଯାଉଥିଲା ତାହା ମାସ ମାସ ଲାଗିଯାଉଥିଲା କିନ୍ତୁ ଏବେ ସେତିକି ରାସ୍ତାକୁ ଅତିକ୍ରମ କରିବାକୁ ହେଲେ ମାତ୍ର କିଛି ଅଳ୍ପ ଘଂଟା ହିଁ ଲାଗୁଛି । ତେଣୁ ଏ ଦୃଷ୍ଟିକୋଣରୁ ମଧ୍ୟ ଆମେ ଏକ ହୋଇଯାଇଛୁ । ଏବେ ଏ କଥାକୁ ଆମେ ସମସ୍ତେ ଜାଣିନେବା ଉଚିତ ଯେ, ଏବେ ପୃଥିବୀର ଯେଉଁ ଉନ୍ନତି ଓ ବିକାଶ ହେଉଅଛି ତାହା ଆମକୁ ଏକ କରୁଅଛି । ଏହି ଉନ୍ନତି ସେତେବେଳେ ଆମ ପାଇଁ ଲାଭପ୍ରଦ ହେବ ଯେତେବେଳେ ଆମେ ଆପୋଷରେ ଏହି ମିଳାମିଶାକୁ ନିଜର ଲାଭ ପାଇଁ ବ୍ୟବହାର କରିବା । ଆମେ ଆପୋଷରେ ଜଣେ ଅନ୍ୟଜଣ ପ୍ରତି ବିଦ୍ରୋହୀ ସ୍ୱଭାବ ନ ରଖି ଜଣେ ଅନ୍ୟଜଣକ ପ୍ରତି ଶୁଭକାମାନ କରିବା ଉଚିତ । ଏହି କାର୍ଯ୍ୟକୁ ପ୍ରତ୍ୟେକ ସମ୍ପ୍ରଦାୟର ଲୋକେ କରିବା ଉଚିତ ସେ ଇସାଇ ହୁଅନ୍ତୁ, ମୁସଲମାନ ହୁଅନ୍ତୁ, ଇହୁଦୀ ହୁଅନ୍ତ, ହିନ୍ଦୁ ହୁଅନ୍ତୁ ବା ଅନ୍ୟ କେଉଁ ଧର୍ମର ହୁଅନ୍ତ । ଆମେ ସମସ୍ତଙ୍କ ପ୍ରତି ମଙ୍ଗଳ ଚାହିଁବା ଓ ଏହି ଉନ୍ନତୀରୁ ଲାଭ ଉଠାଇବା ଯାହ ଏ ଯୁଗର ଲୋକମାନଙ୍କୁ ଏକ କରିଦେଇଛି ଏବଂ ଏ ପୃଥିବୀ ଗୋଟିଏ ଗ୍ଲୋବାଲ୍ ଭିଲେଜ୍ ହୋଇଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମ ନ୍ୟାସନାଲ ଅମୀର ସାହେବ ଏହା ମଧ୍ୟ ବତାଇଲେ ଯେ, ଏଠାରେ ଗୋଟିଏ ମ୍ୟୁଜିୟମ ଅଛି ଅବଶ୍ୟ ଏହି ମ୍ୟୁଜିଅମ୍‌ରେ ପୁରୁଣା ଜିନିଷ ମହ୍‌ଜୁଦ୍ ଥିବ । ପୁରୁଣା ଜିନିଷଗୁଡ଼ିକୁ ସମ୍ଭାଳି ରଖିବା ହେଉଛି ବହୁତ ଭଲ କଥା । ପୁରୁଣା ଜିନିଷଗୁଡ଼ିକୁ ସେତେବେଳ ଯାଏଁ ସୁରକ୍ଷିତ ରଖାଯାଇପାରିବ ଯେତେବେଳେ ସେଥିରୁ ସଠିକ୍ ଲାଭ ଉଠାଯାଉଥିବ ସେହିପରି ଏମିତି କେତେଗୁଡିଏ ଜିନିଷ ରହିଛି ଯାହା ଦ୍ୱାରା ଅତିତରେ କ୍ଷତି ହୋଇଥିବ ତେଣୁ ସେହି ଅନୁଭୁତିରୁ ଲାଭ ଉଠାଇ ଏଭଳି କ୍ଷତିରୁ ବଂଚା ଯାଇପାରେ । ମୁଁ ତ ଏକଥା ଜାଣିନାହିଁ ଯେ, ଏହି ମ୍ୟୁଜିୟମରେ କଣ ସବୁ ସାଇତା ଯାଇଛି କିନ୍ତୁ ସାଧାରଣତଃ ମ୍ୟୁଜିୟମ ଗୁଡ଼ିକରେ ସବୁ ପ୍ରକାର ଜିନିଷ ରଖାଯାଇଥାଏ । ଯେଉଁଠି ମ୍ୟୁଜିୟମ ଗୁଡ଼ିକରେ ଏହିଭଳି ଜିନିଷଗୁଡ଼ିକ ଆମକୁ ନିଜ ଇତିହାସ ସହିତ ଯୋଡ଼ି ଦେଇଥାଏ ସେଠାରେ ଏହା ଆମମାନଙ୍କ ପାଇଁ ଆଗକୁ ନୂଆ ମାର୍ଗ ମଧ୍ୟ ଦେଖାଇଥାଏ । ତେଣୁ ମୁଁ ଭାବୁଛି ଯେ, ଏଠାରେ ବସବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେ ମୁସଲମାନ ହୁଅନ୍ତୁ, ଇସାଇ ହୁଅନ୍ତୁ ବା ଅନ୍ୟ ଯେକୌଣସି ଧର୍ମ ସହିତ ତାଙ୍କର ସମ୍ବନ୍ଧ ଥାଉ ବା ସେ ନାସ୍ତିକ ମଧ୍ୟ ହୋଇଥାନ୍ତୁ, ସମସ୍ତେ ଏଥିରୁ ଲାଭ ଉଠାଇବା ଉଚିତ । ପୁଣି ଏଠାରେ ଶିକ୍ଷା ଅର୍ଜନ କରିବାପାଇଁ ଅନେକ ଅବସର ରହିଛି ମତେ ଏକଥା ବତାଯାଇଛି ଯେ, ଏ ଜାଗାଟି ଶିକ୍ଷା ଦୃଷ୍ଟିକୋଣରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏଠିକାର ଲୋକମାନଙ୍କୁ ଶିକ୍ଷା ଅର୍ଜନ କରିବାପ୍ରତି ଆଗ୍ରହ ରହିଛି । ଜ୍ଞାନ ଆହରଣ କରିବା ସେତେବେଳେ ଫଳପ୍ରଦ ହୋଇଥାଏ ଯେତେବେଳେ ତାହା ଲୋକମାନଙ୍କର ହୃଦୟକୁ ଖୋଲି ଦେଇଥାଏ । ଅସଲ ଶିକ୍ଷା ହେଉଛି ତାହା ଯାହା ହୃଦୟରେ ଆଲୋକ ସୃଷ୍ଟି କରିଥାଏ, ବୁଦ୍ଧି ଓ ଜ୍ଞାନର ବିକାଶ ହୋଇଥାଏ, ଆତ୍ମ ବିଶ୍ୱାସ ବଢ଼ିଥାଏ ଏବଂ ପୁଣି ଜଣେ ଅନ୍ୟଜଣଙ୍କର ମନୋଭାବକୁ ସମ୍ମାନ ଦେବାର ଅନୁଭବ ମଧ୍ୟ ସୃଷ୍ଟି ହୋଇଥାଏ । ତେବେ ଯାଇ ସେ ଶିକ୍ଷା ଫଳପ୍ରଦ ହେବ । ନଚେତ ଯଦି ଆତ୍ମ ସାହାସ ନାହିଁ, ଜଣେ ଅନ୍ୟଜଣକର ମନୋଭାବକୁ ବୁଝିବା ପ୍ରତି ଧ୍ୟାନ ଦେଉନାହାନ୍ତି, ଜଣେ ଅନ୍ୟ ଜଣକର ଉତ୍ସବଗୁଡ଼ିକରେ ଓ ଆନନ୍ଦର ଅବସରରେ ଯୋଗ ଦେବାପାଇଁ ଆତ୍ମ ସାହାସ ନାହିଁ ତାହେଲେ ଏ ଶିକ୍ଷା ନିରର୍ଥକ ହୋଇଥାଏ । ଏ ଦୃଷ୍ଟିକୋଣରୁ ମୁଁ ବହୁତ ଆନନ୍ଦିତ ଯେ, ମୁଁ ଏଠାରେ ବହୁତ ଏପରି ଚେହେରାକୁ ଦେଖୁଅଛି ଯେଉଁମାନେ ଏହିଭଳି ଉତ୍ସବରେ ଆସି ଯୋଗ ଦେଉଛନ୍ତି, ଯେଉଁମାନେ କେବଳ ଏକ ଧାର୍ମିକ ଉତ୍ସବରେ ଆସି ଯୋଗ ଦେଉଛନ୍ତି ଯେବେକି ପ୍ରତ୍ୟକ୍ଷ ରୂପେ ଆପଣମାନଙ୍କର ଏହା ସହିତ କୌଣସି ସମ୍ପର୍କ ମଧ୍ୟ ନାହିଁ । ମୁଁ ପ୍ରାର୍ଥନା କରୁଛି ଯେ ଏଭଳି ଖୋଲା ହୃଦୟକୁ ପ୍ରକାଶ କରିବା ଓ ତାହା ଏଠିକାର ଇସାଇମାନଙ୍କ ତରଫରୁ ପ୍ରକାଶ ହେଉଅଛି ସେଠାରେ ଏଠି ରହୁଥିବା ମୁସଲମାନମାନଙ୍କ ତରଫରୁ ମଧ୍ୟ ସେହିଭଳି ଖୋଲାମନ ଓ ଖୋଲା ହୃଦୟର ପରିପ୍ରକାଶ ହେଉ ଏବଂ ସବୁଠାରୁ ଅଧିକା ଅହେମଦୀ ମୁସଲମାନମାନଙ୍କ ତରଫରୁ ହେଉ ଏବଂ ଅନ୍ୟ ଧର୍ମର ଲୋକମାନଙ୍କ ତରଫରୁ ମଧ୍ୟ ହେଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଲୁଥର୍ ଚର୍ଚ୍ଚର ପ୍ରତିନିଧି ସାରା ସାହିବା ବହୁତ ସୁନ୍ଦର କଥା କହିଛନ୍ତି ଯେ, ଈଶ୍ୱରଙ୍କ ଉପାସନା କରିବା ଆମ ମଧ୍ୟରେ ଗୋଟିଏ ସମାନତା ରହିଛି ଓ ସେଥିପ୍ରତି ଆମକୁ ଧ୍ୟାନ ଦେବାକୁ ହେବ ଓ ଈଶ୍ୱରଙ୍କ ଉପାସନା କରିବା ସହିତ ଏଥିରେ ଶାନ୍ତିର ବାର୍ତା ମଧ୍ୟ ମିଳିଥାଏ । ବାସ୍ତବିକ କଥା ହେଉଛି ଏହା କି ଈଶ୍ୱରଙ୍କୁ ଉପାସନା କରୁଥିବା ଲୋକମାନେ ପ୍ରକୃତରେ ହେଉଛନ୍ତି ଏପରି ଲୋକେ ଯେଉଁମାନେ ଶାନ୍ତିର ପ୍ରଚାର ପ୍ରସାର କରିଥାନ୍ତି । ଏହି କଥାଗୁଡ଼ଇକ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିଥାଏ । ମଦିନାରେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ନବୀ କରିମ୍ ସ:ଆ:ସଙ୍କ ଯୁଗରେ ନଜ୍‌ରାନ୍‌ରୁ ଗୋଟିଏ ଇସାଇ ପ୍ରତିନିଧି ଦଳ ଆପଣ ସ:ଆ:ସଙ୍କ ସହିତ ସାକ୍ଷାତ କରିବାପାଇଁ ଆସିଲା । କଥାବାର୍ତା ଚାଲିଥିବା ସମୟରେ ସେହି ଇସାଇ ମାନଙ୍କର ଉପାସନାର ସମୟ ହୋଇଗଲା ତେଣୁ ସେମାନେ ବହୁତ ବ୍ୟତିବ୍ୟସ୍ତ ଥିଲେ ଯେ, ଏବେ ସେମାନେ କେଉଁଠି ଉପାସନା କରିବେ । ତେଣୁ ହଜ୍‌ରତ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ସେତେବେଳେ ସେମାନଙ୍କର ବ୍ୟସ୍ତତାକୁ ଦେଖି ପଚାରିଲେ ଯେ, ଏହାର କାରଣ କଣ । ପୁଣି ସେ ଜାଣିପାରିଲେ ଯେ, ସେମାନଙ୍କର ଉପାସନା କରିବାର ସମୟ ଆସିଯାଇଛି ତେଣୁ ସେମାନେ ଜାଗା ଖୋଜୁଛନ୍ତି । ସେ ସମୟରେ ସେମାନେ ମସ୍‌ଜିଦ୍ ନବଓ୍ୱି ଭିତରେ ବସିଥିଲେ ଅତଏବ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ସେମାନଙ୍କୁ କହିଲେ ଯେ, ବ୍ୟତିବ୍ୟସ୍ତ ହେବାର କୌଣସି ଆବଶ୍ୟକତା ନାହିଁ ଏହି ମସ୍‌ଜିଦ୍‌କୁ ମଧ୍ୟ ଏକ ଈଶ୍ୱରଙ୍କ ଉପାସନା ନିମନ୍ତେ ତିଆରି କରାଯାଇଅଛି । ତୁମେ ଏହି ମସ୍‌ଜିଦ୍ ଭିତରେ ନିଜର ଉପାସନା କରିପାରିବ । ଅତଏବ ସେମାନେ ସେହି ମସ୍‌ଜିଦ୍ ଭିତରେ ନିଜର ଉପାସନା କଲେ । ଏହା ହେଉଛି ସେହି ଅସଲ ଜିନିଷ ଯାହା ଦ୍ୱାରା ପ୍ରକୃତ ଶାନ୍ତି ମଧ୍ୟ ପ୍ରତିଷ୍ଠା ହୋଇଥାଏ ଏବ ଆପୋଷରେ ଇଂଟରଫେଥ୍ ର ସମ୍ପର୍କରେ ଉନ୍ନତି ଘଟିଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଇସ୍‌ଲାମ୍ ତ ଏହିପରି ଶିକ୍ଷା ଦେଇଥାଏ କିନ୍ତୁ ଆଜି ଇସ୍‌ଲାମ୍ ଓ ମୁସଲମାନମାନଙ୍କର ନାମ

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan